

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୩ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 April 2026

Vol.No. 36 ■ No.88 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ହର୍ମୁଜ ପ୍ରଣାଳୀରେ ଅଣ-ଡଲାର 'ଟୋଲ୍' ବ୍ୟବସ୍ଥା ଲାଗୁ କରିପାରେ ଇରାନ



ନୂଆଦିଲ୍ଲୀ,୦୨/୪ : ପଶ୍ଚିମ ଏସିଆରେ ଯୁଦ୍ଧ ଜନିତ ଉତ୍ତେଜନା ସତ୍ତ୍ୱେ ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ଭାରତୀୟ ଜାହାଜ ଓ ଭାରତର ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି ଇରାନ ସ୍ପଷ୍ଟ କରିଛି । ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଉପରେ ନିଜର 'ପୂର୍ଣ୍ଣ ନିୟନ୍ତ୍ରଣ' ଥିବା ଦାବି କରି ଇରାନ, ଭାରତ ସମେତ ଚୀନ ଓ ରୁଷ ଭଳି ବନ୍ଧୁ ଦେଶଗୁଡ଼ିକୁ ସୁରକ୍ଷିତ ଯାତାୟାତର ପ୍ରତିଶ୍ରୁତି ଦେଇଛି । ଏହା ସହିତ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର 'ଟୋଲ୍' ବ୍ୟବସ୍ଥା ଲାଗୁ କରାଯାଇଛି, ଯେଉଁଥିରେ ଆମେରିକୀୟ ଡଲାର ବଦଳରେ ଚାଇନିଜ ୟୁଆନ କିମ୍ବା କ୍ରିପ୍ଟୋକରେନ୍ସି (ୟୁଏସଡିଟି) ମାଧ୍ୟମରେ ଦେୟ ଆଦାୟ କରାଯାଉଥିବା ସୂଚନା ମିଳିଛି । ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ 'ଏକ୍ସ' ମାଧ୍ୟମରେ ଭାରତୀୟ ବନ୍ଧୁମାନେ ସୁରକ୍ଷିତ ହାତରେ ଥିବା ନେଇ ଆଶ୍ୱାସନା ଦେଇଛି, ଯାହା ଭାରତ ଭଳି ଏକ ବୃହତ ତୈଳ ଆମଦାନୀକାରୀ ଦେଶ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି । ଭାରତ ସରକାର ମଧ୍ୟ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଥିବା ନେଇ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ଆଇଆରଜିସି ବର୍ତ୍ତମାନ ପ୍ରତି ବ୍ୟାରେଲ ତୈଳ ପିଛା ପ୍ରାୟ ୧ ଡଲାର ହିସାବରେ ଟୋଲ୍ ଆଦାୟ କରୁଛି । ଆମେରିକାର ଆର୍ଥିକ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ଏହି ଦେୟ ପ୍ରକ୍ରିୟାରୁ ଡଲାରକୁ ବାଦ୍ ଦିଆଯାଇଛି । ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଗତି କରିବାକୁ ଚାହୁଁଥିବା ଜାହାଜଗୁଡ଼ିକୁ ନିଜର ମାଲିକାନା, କାର୍ଗୋ ଏବଂ କ୍ରୁ ସଦସ୍ୟଙ୍କ ସମ୍ପୂର୍ଣ୍ଣ ବିବରଣୀ ଇରାନ ସଂଯୁକ୍ତ ମଧ୍ୟସ୍ଥିଙ୍କୁ ପ୍ରଦାନ କରିବାକୁ ପଡୁଛି । ଯେଉଁ ଦେଶଗୁଡ଼ିକ ସହିତ ଇରାନର ଭଲ ସମ୍ପର୍କ ରହିଛି, ସେମାନଙ୍କୁ ସହଜରେ ଅନୁମତି ମିଳୁଥିବା ବେଳେ ଅନ୍ୟମାନଙ୍କ ପାଇଁ ଏହି ମାର୍ଗ ବିପଦଜନକ ହୋଇଛି । ଯଦିଓ ଭାରତ ପାଇଁ ବିପଦ ନାହିଁ, ତଥାପି ବଢୁଥିବା ବୀମା ଖର୍ଚ୍ଚ ଓ ଡ୍ରୋନ୍ ଆକ୍ରମଣ ଭୟରେ ଅନେକ ଆନ୍ତର୍ଜାତୀୟ ସିପିଂ କମ୍ପାନୀ ଏହି ମାର୍ଗରୁ ଦୂରେଇ ରହୁଛନ୍ତି, ଯାହା ଫଳରେ ସାମୁଦ୍ରିକ ବାଣିଜ୍ୟ ଏବେ ମଧ୍ୟ ପ୍ରଭାବିତ ହୋଇ ରହିଛି ।

# ପୁଣି ଫେରିଲା ପିୟୁସିସି ଯାଞ୍ଚ: ପ୍ରମାଣପତ୍ର ନଥିଲେ ମୋଟା ଅଙ୍କର ଜରିମାନା




ଭୁବନେଶ୍ୱର, ୦୨/୪ (ନି.ପ୍ର): ଆଜିଠାରୁ ସମଗ୍ର ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଅର୍ଥାତ୍ ପିୟୁସିସି ଯାଞ୍ଚ କଡ଼ାକଡ଼ି କରାଯାଇଛି । ପୂର୍ବରୁ ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି ଯାଞ୍ଚକୁ କିଛି ମାତ୍ରାରେ କୋହଳ ରଖାଯାଇଥିଲେ ମଧ୍ୟ, ଏପ୍ରିଲ ୨ ତାରିଖରୁ ଏହାକୁ ଜୋରଦାର କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ପରିବହନ ବିଭାଗ ଓ ଟ୍ରାଫିକ ପୋଲିସ ମିଶିଥିବା ଦଳ ଦ୍ୱାରା ବିଶେଷ ଯାଞ୍ଚ ଚାଲିଛି । ଯେଉଁ ଗାଡ଼ି ଚାଳକମାନେ ନିୟମ ଉଲଂଘନ କରୁଛନ୍ତି, ସେମାନଙ୍କୁ ତୁରନ୍ତ ଜରିମାନା କରାଯାଉଛି । ଆପଣଙ୍କ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିଛନ୍ତି ତ ? ଯଦି କରି ନାହାନ୍ତି ତେବେ ହୋଇଯାନ୍ତୁ ସାବଧାନ । କାରଣ ଆପଣଙ୍କ ଅବହେଳା ଆପଣଙ୍କୁ ମହଙ୍ଗା ପଡିପାରେ । ଟୋଲ ଗେଟ ଅତିକ୍ରମ କରୁଥାନ୍ତୁ ବା ଯାଞ୍ଚ ଅଧିକାରୀଙ୍କ ନଜରରେ ଆସନ୍ତୁ, ◆◆ପୃଷ୍ଠା ୭

# ଖରାକୁ ଦେଖି ରାଜ୍ୟ ସରକାରଙ୍କ ବଡ଼ ନିର୍ଦ୍ଦେଶ: ସକାଳୁଆ ହେବ ସ୍କୁଲ

ଭୁବନେଶ୍ୱର, ୦୨/୪ (ନି.ପ୍ର): ରାଜ୍ୟରେ ଏପ୍ରିଲ ମାସ ଆରମ୍ଭରୁ ହିଁ ସୂର୍ଯ୍ୟଙ୍କ ପ୍ରକୋପ ଅସହ୍ୟ ହେବାରେ ଲାଗିଛି । ସାରା ଓଡ଼ିଶାରେ ଏବେ ଗ୍ରୀଷ୍ମ ପ୍ରବାହ ବା 'ହିଟ୍ ୱେଭ୍'ର ସ୍ଥିତି ଅନୁଭୂତ ହେଉଥିବା ବେଳେ ଅନେକ ସହରର ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଅତିକ୍ରମ କଲାଣି । ଏହି ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକରେ ସକାଳୁଆ କ୍ଲାସ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ବର୍ତ୍ତମାନ ସ୍କୁଲଗୁଡ଼ିକ ସକାଳ ୬ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇ ଦିନ ୧୦ଟା ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ସ୍କୁଲ ସମୟ ଅଧିକ ଥିବା ବେଳେ ଖରା ବଢ଼ିବା ଯୋଗୁଁ ପିଲାମାନେ ଘରକୁ ଫେରିବା ସମୟରେ ଅଂଶୁଘାତର ଶିକାର ହେବାର ଆଶଙ୍କା ଥିଲା । ଏହି ନୂଆ ସମୟସୂଚୀ ଗ୍ରୀଷ୍ମ ଛୁଟି ଆରମ୍ଭ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ସ୍କୁଲ ପରିସରରେ ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି ଏବଂ ◆◆ପୃଷ୍ଠା ୭

## ରାଜଧାନୀରୁ ଜବତ ହେଲା ବନ୍ଧୁକ

ଭୁବନେଶ୍ୱର, ୦୨/୪ (ନି.ପ୍ର): ରାଜଧାନୀରୁ ଜବତ ହେଲା ବନ୍ଧୁକ ଓ ୨ ଟି ସେମି ଅଟୋମେଟିକ ବନ୍ଧୁକ ସାଙ୍ଗକୁ ୧୦ ରାଉଣ୍ଡ ଗୁଳି ଜବତ୍ କରାଯାଇଛି । ଅଭିଯୁକ୍ତକୁ କାବୁ କଲା ସ୍ପେଶାଲ କ୍ରାଇମ ୟୁନିଟ । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ତଳସାହିର ଅମରେଶ ରାଉତକୁ ଗିରଫ କରିଛି ସ୍ପେଶାଲ କ୍ରାଇମ ୟୁନିଟ ଓ ଅଭିଯୁକ୍ତ ଠାରୁ ୨ ଟି ମାଗାଜିନ ସମେତ ଜବତ ହୋଇଛି ଗୋଟିଏ ବାଇକ୍ । ଏହି ଘଟଣାରେ ସ୍ପେଶାଲ କ୍ରାଇମ ୟୁନିଟର ଏସିପି ମାନସ ସ୍ୱାଇଁ କହିଛନ୍ତି ଯେ, ବନ୍ଧୁକ ଦେଖାଇ ହେଉଥିଲା ଜମି ପୋଜେସନ ।

# ଓଡ଼ିଶାରେ ହଟହଟା ହେଉଛି ଚାଷୀ: ଛତିଶଗଡ଼ରେ ବ୍ୟବସ୍ଥିତ ଢ଼ଙ୍ଗରେ ଉଠାଣ

ଭୁବନେଶ୍ୱର, ୦୨/୪ (ନି.ପ୍ର): ଡବଲ ଇଂଜିନ୍ ସରକାରରେ ଭିନ୍ନ ଭିନ୍ନ ମଣ୍ଡି ବ୍ୟବସ୍ଥା । ଗୋଟିଏରେ ସୁବ୍ୟବସ୍ଥିତ ଆଉ ଗୋଟିଏରେ ବ୍ୟାପକ ଅବ୍ୟବସ୍ଥା । ଆମେ କହୁଛୁ, ଛତିଶଗଡ ଏବଂ ଓଡିଶା ମଣ୍ଡି ବ୍ୟବସ୍ଥାର କଥା । ଉଭୟ ରାଜ୍ୟରେ ବିଜେପି ସରକାର । ଛତିଶଗଡ଼ରେ ଅତି ସୁରୁଖୁରୁରେ ଚାଷୀ ଧାନ ବିକ୍ରି କରୁଛନ୍ତି କିନ୍ତୁ ଓଡ଼ିଶାରେ ଠିକ୍ ବିପରୀତ । ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବୋନସ୍ ସହ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଛି । କିନ୍ତୁ ଚାଷୀଙ୍କ ଦୁର୍ଦ୍ଦଶା କମିବା ବଦଳରେ ବଢ଼ି ବଢ଼ି ଚାଲିଛି । ମାସ ମାସ ଧରି ମଣ୍ଡିରେ ଧାନ ରଖି ହଟହଟା ହେଉଛନ୍ତି ଚାଷୀ । କେତେବେଳେ ମିଲର ତ ଆଉ କେତେବେଳେ ଟୋକନ୍, ପୁଣି କେତେବେଳେ ଟାର୍ଗେଟ । ◆◆ପୃଷ୍ଠା ୭

# ମାଲଦାରେ ମହିଳା ବିଚାରପତିଙ୍କୁ ଭିଡ଼ ଭିତରେ ଘେରି ରହିବା ମାମଲା : ପ.ବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା



ନୂଆଦିଲ୍ଲୀ,୦୨/୪ : ପଶ୍ଚିମବଙ୍ଗର ମାଲଦାରେ ଘଟିଥିବା ଘଟଣା ପାଇଁ ସୁପ୍ରିମକୋର୍ଟ ମମତା ବାନାର୍ଜୀ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି । ସେଠାରେ ନ୍ୟାୟିକ ଅଧିକାରୀମାନଙ୍କୁ ଲୋକଙ୍କ ଭିଡ଼ ଘେରି ରହିଥିଲେ , ସେମାନଙ୍କୁ ବନ୍ଧକ ରଖାଯାଇଥିଲା । ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଏହା କେବଳ ନ୍ୟାୟିକ ଅଧିକାରୀମାନଙ୍କୁ ଭୟଭୀତ କରିବାର ପ୍ରୟାସ ନୁହେଁ, ବରଂ କୋର୍ଟର କର୍ତ୍ତୃତ୍ୱକୁ ମଧ ଚ୍ୟାଲେଞ୍ଜ କରିଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ମଧ୍ୟରେ ବୁଧବାର ରାତିରେ ମାଲଦା ଜିଲ୍ଲାରେ ଏକ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଭୋଟର ତାଲିକାରୁ ନାମ ବାଦ୍ ଦିଆଯିବା ପ୍ରସଙ୍ଗରେ ଉତ୍ତେଜିତ ଏକ ଭିଡ଼ ଏସ୍‌ଆଇଆର ପ୍ରକ୍ରିୟା ଅଧୀନରେ କାର୍ଯ୍ୟ କରୁଥିବା ସାତ ଜଣ ନ୍ୟାୟିକ ଅଧିକାରୀଙ୍କୁ କିଛି ଘଣ୍ଟା ଧରି ଘେରି ରହିଥିଲେ । କାଲିଚକ-୨ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ବାହାରେ ◆◆ପୃଷ୍ଠା ୭

# ଖୁବ୍‌ଶୀଘ୍ର ଆସିବ କନ୍ୟା ସୁମଙ୍ଗଳ ଯୋଜନାର ଏସଓପି

ଭୁବନେଶ୍ୱର, ୦୨/୪ (ନି.ପ୍ର): ଖୁବ୍ ଶୀଘ୍ର ଆସିବ କନ୍ୟା ସୁମଙ୍ଗଳ ଯୋଜନାର ଏସଓପି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟରେ ଯୋଜନା ଘୋଷଣା କରିଛନ୍ତି । ଏସଓପି ଚୂଡାନ୍ତ ହେବା ପରେ ରୂପରେଖ ସାମ୍ନାକୁ ଆସିବ । ଝିଅ ଜନ୍ମ ହେବାର ବର୍ଷକ ଭିତରେ ତା ଖାତାକୁ ସରକାର ଟଙ୍କା ପଠାଇବେ । ୨୧ ବର୍ଷ ହେବା ବେଳକୁ ଆକାଉଂଟକୁ ସରକାର ଲକ୍ଷାଧିକ ଟଙ୍କା ଦେଇ ସାରିଥିବେ । ଏହି ଯୋଜନାରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ବଜେଟରେ ଘୋଷଣା ହୋଇଥିବା ୩ ଟି ଯୋଜନା ପାଇଁ ଏସଓପି ଆସିବ ।





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ

ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/2/2627



ଗୁଡ୍ ଫ୍ରାଇଡେ ଉପଲକ୍ଷେ

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/2/2627

# ଗୋରକ୍ଷକ କୃପାସିନ୍ଧୁ ବେହେରାଙ୍କ ପରିବାରକୁ ଭେଟିଲେ ନୀଳଗିରି ବିଧାୟକ



ନୀଳଗିରି , ୦୨/୪ (ନି.ପ୍ର): ଗୋମାତାଙ୍କ ଜୀବନରକ୍ଷା କରିବାକୁ ଯାଇ ଜାତୀୟ ରାଜପଥ ୧୬ଖନ୍ତାପଡ଼ା ଠାରେ ଗୋମାଫିଆଙ୍କ ଆକ୍ରମଣର ଶିକାରହୋଇ ନିଜଜୀବନକୁ ଉତ୍ସର୍ଗ କରିଥିବା କସବା ଜୟପୁର ପଞ୍ଚାୟତ ଅଳସୁଆଁ ଗ୍ରାମର ସାହସୀ ଗୋରକ୍ଷକ କୃପାସିନ୍ଧୁ ବେହେରାଙ୍କ ବାସଭବନରେ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ ପହଞ୍ଚି ପରିବାରକୁ ଆର୍ଥିକ ସହାୟତା କରିଛନ୍ତି। ବୁଧବାର ଅପରାହ୍ନରେ ବିଧାୟକ ଶ୍ରୀ ଖଟୁଆ ସହିଦ କୃପାସିନ୍ଧୁଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ଗଭୀର ସମବେଦନା ଜଣାଇବା ସହ ସେମାନଙ୍କ ଦୁଃଖ ବାଣ୍ଟିଥିଲେ। ଏହି ଅବସରରେ ପରିବାରକୁ ଆର୍ଥିକ ସହାୟତା ସ୍ୱରୂପ ଏସକେଏଫସି ଟ୍ରଷ୍ଟ ପକ୍ଷରୁ ୫୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ବିଧାୟକ କହିଛନ୍ତି ଯେ, ଗୋମାତାଙ୍କ ସୁରକ୍ଷା ପାଇଁ କୃପାସିନ୍ଧୁ ଦେଇଥିବା ସର୍ବୋଚ୍ଚ ବଳିଦାନ ସମାଜପାଇଁ ଏକ ଅନନ୍ୟ ଉଦାହରଣ ଏବଂ ନୀଳଗିରିବାସୀ ଏହି ବୀର ଗୋପୁତ୍ରଙ୍କୁ ସଦାସର୍ବଦା ମନେ ରଖିବେ। ଏଥିସହିତ ବିଧାୟକ ଶ୍ରୀ ଖଟୁଆ, ଏହି ଘଟଣାରେ ଗୁରୁତର ଆହତହୋଇ ଚିକିତ୍ସିତ ହେଉଥିବା ଅନ୍ୟତମ ଗୋରକ୍ଷକ ଲମ୍ବୁ ମହାପାତ୍ରଙ୍କ ପରିବାରବର୍ଗଙ୍କୁ ମଧ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଲମ୍ବୁଙ୍କ ଆଶୁଆରୋଗ୍ୟ ପାଇଁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବାସହ ଉଭୟ ପରିବାର ସହିତ ସେ ସଦାସର୍ବଦା ଛିଡ଼ା ହୋଇଛନ୍ତି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।ଏହି ଗସ୍ତ ସମୟରେ ବିଧାୟକଙ୍କ ସହ ଟ୍ରଷ୍ଟର ଅନେକ ସଦସ୍ୟ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ




ବସ୍ତା, ୦୨/୪ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ସ୍ୱାଭିମାନ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ଓଡ଼ିଶା ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷ ମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ସ୍ୱାଭିମାନ ପରିଷଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ପାଦକ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଶିକ୍ଷକ ବାରିଦ ବରନ ପ୍ରଧାନ, ଅପାଲି ଅପରାଜିତା ଡ଼ଗର ଓ ବ୍ରହ୍ମପୁର ମେଡିକାଲ କଲେଜର ପ୍ରାକ୍ତନ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଉତ୍କଳ ସମ୍ମିଳନୀ ଗଠନ ମାଧ୍ୟମରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ସ୍ଥାପନ କରିଥିଲା ବୋଲି ଏହି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି । ଏହି ଅବସରରେ ବିଷୟ ବିଶେଷଜ୍ଞମାନେ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ ମହାପୁରୁଷ ମାନଙ୍କ ଉତ୍କଳ ପ୍ରଦେଶ ଗଠନରେ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଶିକ୍ଷକ ସୋମନାଥ ପାତ୍ର, ପ୍ରକୃତି ବନ୍ଧୁ ରବୀନ୍ଦ୍ର କୁମାର ବେହେରା, ଛାତ୍ରୀ ରୀନା ସାହୁ ଓ ଯଜ୍ଞଶ୍ରୀ ସାହୁ ପ୍ରମୁଖ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ । ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ, ଶୁଭମ୍ ଜେନା ଓ ଶ୍ୱେତାପଦ୍ମା ଶୁକ୍ଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସସ୍ମିତା ମହାନ୍ତି, ସସ୍ମିତା ବାଡ଼ୁ, ଯାଜ୍ଞସେନୀ ରାଉତ ଓ ସଞ୍ଜୟ କୁମାର ପୋଥାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ଦିବସ ପାଳିତ



ବସ୍ତା , ୦୨/୪ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ'ଆଶା' ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟ ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଆଶା ଫିଜିଓ ଥେର। ପିଉଟିକ୍ ସେଣ୍ଟରରେ ଉତ୍କଳ ଦିବସ ପାଳନ ହୋଇଯାଇଛି।'ଆଶା'ର ପ୍ରତିଷ୍ଠାତା, ସମ୍ପାଦକ,ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ଉତ୍କଳ ଦିବସ ର ଗୁରୁତ୍ୱ ତଥା ଫକୀର ମୋହନ ସେନାପତି, ମଧୁସୂଦନ ଦାସ, ଗଙ୍ଗାଧର ମେହେରଙ୍କ ପରି ବରପୁତ୍ର ମାନଙ୍କର ଯଶ ଗାନ କରିବାରେ ତଥା ସେମାନଙ୍କ ତ୍ୟାଗ ଏବଂ ବିଚ୍ଛିନ୍ନତାବାଦ ଓଡ଼ିଶା କୁ ଏକତ୍ରୀକରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାର ପ୍ରୟାସ ଅତି ପ୍ରାଞ୍ଜଳ ଭାବରେ ବୁଝାଇବା ସହିତ ପୂର୍ବତନ ସମ୍ପା ଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ ମାତୃଭୂମି ଓ ମାତୃଭାଷାର ମମତା ବୋଧ ତଥା ସୁଜଳା ସୁଫଳା ଶସ୍ୟ ଶ୍ୟାମଳାର ଓଡ଼ିଶା,'ଆମ ଓଡ଼ିଆ ଭାରି ବଢିଆ' ର ଶୀର୍ଷକ ଉପରେ ସୁନ୍ଦର ସାର ଗର୍ଭକ ତଥ୍ୟ ମାନ ଉପସ୍ଥାପନ କରିଥିଲେ।ଓଡ଼ିଶାର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ଉପରେ ଶିକ୍ଷୟିତ୍ରି ସ୍ମିତର।ଣୀ ମହାପାତ୍ର ବ୍ୟକ୍ତବ ଦେବା ସହିତ ଶିକ୍ଷକ ଚନ୍ଦନ କୁମାର ବିଶ୍ୱାଳ,ପ୍ରଦୀପ କୁମାର ସାହୁ,ଅରୁଣ କୁମାର ଦାସ ଓ ସ୍ୱାଗତିକା ବେହେରା ତ୍ୟାଗୀ ବୀର ମାନଙ୍କର କାହାଣୀ ଓ ୨୦୧୧ରେ ଓରିଶାରୁ ଓଡ଼ିଶା ପରିବର୍ତ୍ତନ ହେବା ତଥା ଭାଷା ଭିତ୍ତିରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ ସହଯୋଗ କରିଥିଲେ।ଶେଷରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ




ବାଲେଶ୍ୱର, ୦୨/୪ (ନି.ପ୍ର): ଉତ୍କଳ ସମ୍ମିଳନୀ, ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ୯୧ତମ ଉତ୍କଳ ଦିବସ ଅବସରରେ ଦିବା ୮ଟାରେ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ଅବସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା।

ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଶିରିଶ ଚନ୍ଦ୍ର ଜେନା ଅତିଥି, 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ବକ୍ତାଭାବେ ଯୋଗ ଦେଇଥିଲେ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, କାଳୀପଦା ପଣ୍ଡା, ରତ୍ନାକର ଦାସ, ରାଜେଶ ଗିରି, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ ଦାସ, ଅପର୍ଣ୍ଣା ମହାପାତ୍ର, ସ୍ନେହଲତା ଦାଶପତି, ତ୍ରିଦିବ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରବିକୁମାର ପାଣିଗ୍ରାହୀ, ଅଜିତ କୁମାର ବରାଳ, ନିରଞ୍ଜନ ପରିଡ଼ା, ରମେଶଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ଡ. ଜେନା ବକ୍ତା ଭାବେ ଯାଗ ଦେଇ ଉତ୍କଳ ସମ୍ମିଳନୀର ଭୂମିକା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁ ଓ ବହୁମୁଖୀ ପ୍ରତିଭାଧାରୀ ରାଜା ବୈକୁଣ୍ଠନାଥ ଦେ'ଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ତୃତୀୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ପାତ୍ର ଓ ବକ୍ତା ଭାବେ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏଥିରେ ସାହିତ୍ୟ ପରିଷଦର ସଂପାଦକ ରତ୍ନାକର ସିଂହ, ସଦସ୍ୟ ତପନ ରାୟ, ପ୍ରଦୀପ ଚାଟାର୍ଜୀ, ଦୀପକ ବୋଷ, ବିଷ୍ଣୁ ପ୍ରସାଦ ମହାନ୍ତି, ଶାନ୍ତି ବିଶି, ଦିଲ୍ଲୀପ ଚକ୍ରବର୍ତ୍ତୀ, ଅର୍ଚ୍ଚନା କର, ଜୁମର ନାଥ ପାତ୍ର, ରମାକାନ୍ତ ମହାନ୍ତି, ଗୀତାଞ୍ଜଳି ଶତପଥୀ, ଅଶ୍ୱିନୀ କୁମାର ମହାନ୍ତି, ଯତୀନ୍ଦ୍ର କୁମାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ମଦୁଆ ଡ୍ରାଇଭରକୁ ଉଠେଇନେଲା ପୋଲିସ

ଚମ୍ପୁଆ, ୦୨/୪ (ନି.ପ୍ର): ରାଜ୍ୟରେ ମଦୁଆ ଡ୍ରାଇଭରଙ୍କ ବେପାରୁଆ ଗଡିଚାଳନା ଯୋଗୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ବ୍ୟାପକ ଚଢ଼ାଉ ସତ୍ୱେ ଗାଡ଼ିଚାଳକମାନେ ସୁଧୁରୁ ନଥିବା ଦେଖିବାକୁ ମିଳୁଛି। ଆଜି ଜଣେ ମୁଖ୍ୟମନ୍ତ୍ରୀ ବସ ଚଳାଉଥିବା ଜଣେ ମଦୁଆ ଚାଳକଙ୍କୁ ଚମ୍ପୁଆ ମୁଖ୍ୟ ବଜାର ଉପରୁ ଉଠେଇ ନେଇଛି ସ୍ଥାନୀୟ ପୋଲିସ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉର୍ତି, ବଡନଇ, ଭାୟା କରଞ୍ଜିଆ ଦେଇ କାଟୁଳିକନା ରାସ୍ତାରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ ନମ୍ବର ଓଡି୦୯ ଏ ବି୧୧୩୧ର ଡ୍ରାଇଭର ଅନିରୁଦ୍ଧ ମହାନ୍ତ ବ୍ଲକ କାର୍ଯ୍ୟାଳୟ ନିକଟରୁ ଗାଡ଼ିରେ ଯାତ୍ରୀ ନେଇ ଆସି ଚମ୍ପୁଆର ମୁଖ୍ୟ ବଜାର ୨୦ ନମ୍ବର ଜାତୀୟ ରାଜପଥ ଉପରେ ଗାଡ଼ି ଚଳାଇ ନପାରି ଛିଡ଼ା କରି ଦେଇଥିଲା। ଫଳରେ ବଜାର ଉପରେ ଗାଡି ଜାମ ହୋଇ ଯିବାରୁ ପୋଲିସ ରାସ୍ତା ମଝିରୁ ଗାଡ଼ି ହଟାଇବାକୁ କହିଥିଲେ। କିନ୍ତୁ ଡ୍ରାଇଭର ଅନିରୁଦ୍ଧ ମହାନ୍ତ ଗାଡ଼ି ଷ୍ଟାର୍ଟ କରି ନପାରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପାଖକୁ ଯାଇ ଡ୍ରାଇଭରକୁ ତଳକୁ ଓହ୍ଲାଇବାକୁ କହିବାରୁ ମାତାଲ ଅବସ୍ଥାରେ ଥିବା ଡ୍ରାଇଭର ଗାଡ଼ିରୁ ବହୁ କଷ୍ଟରେ ଓଲ୍ଲାଇଥିଲା। ହେଲେ ଅତ୍ୟଧିକ ମଦ୍ୟ ପାନ କରିଥିବା ଯୋଗୁ ଠିକ୍ ଭାବରେ ଛିଡ଼ା ମଧ ହୋଇପାରି ନଥିଲା। ମୁଖ୍ୟମନ୍ତ୍ରୀ ବସ୍‌ରେ ମଦୁଆ ଡ୍ରାଇଭରର ଅବସ୍ଥା ଦେଖି ପୋଲିସର ଅକଲ ଗୁଡୁମ ହୋଇ ଯାଇଥିଲା।

# ଉଦଳା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ଶପଥପାଠ ଉତ୍ସବ

## ଲମ୍ବୋଦର ବେହେରା ସଭାପତି ଓ ବସନ୍ତ କୁମାର ପରିଡ଼ା ସମ୍ପାଦକ ଭାବେ ନେଲେ ଦାୟିତ୍ୱ




ଉଦଳା, ୦୨/୪ (ନି.ପ୍ର): ଗତ ମାର୍ଚ୍ଚ ୨୮ ତାରିଖ ଶନିବାର ଦିନ ଉଦଳା ଓକିଲ ସଂଘର କର୍ମକର୍ତା ନିର୍ବାଚନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଆଇନଜୀବି ଅରୁଣ କୁମାର ବାରିକ ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ତୁଲାଇବା ସହ ନିର୍ବାଚିତ କର୍ମକର୍ତାଙ୍କୁ ୩୦ ତାରିଖ ସୋମବର ଦିନ ଶପଥପାଠ କରାଇଥିବାର ଜଣାଯାଇଛି । ଏହି ଅବସରରେ ଉଦଳା ଓକିଲ ସଂଘ ବୈଠକ ଗୃହ ପରିସରରେ କାର୍ଯ୍ୟକ୍ରମ ଆୟୋଜନର ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା । ଲମ୍ବୋଦର ବେହେରା ସଭାପତି ଓ ବସନ୍ତ କୁମାର ପରିଡ଼ା ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବା ବେଳେ ମନୋଜ କୁମାର ଦାସ ଉପସଭାପତି, ରବିନ୍ଦ୍ର କୁମାର ଜେନା ସହସମ୍ପାଦକ, ପ୍ରତିମା ସାହୁ କୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଥିବାର ଜଣାଯାଇଛି । କାର୍ଯ୍ୟକାରି କମିଟିର ସଦସ୍ୟ ଭାବରେ ଦିଲିପ କୁମାର ପରିଡ଼ା, ରବିନ୍ଦ୍ର ନାଥ ସାହୁ, ଦିଲିପ କୁମାର ବାସ୍କେ ଓ ପ୍ରଜ୍ଞାପାରମିତା ପୁଥାଳ ମନୋନିତ ହୋଇଛନ୍ତି । କପ୍ତିପଦା ଉପଖଣ୍ଡର ସାମଗ୍ରିକ ବିକାଶ କ୍ଷେତ୍ରରେ ସବୁପ୍ରକାର ସହଯୋଗର ହାତ ଏହି କର୍ମକର୍ତା ମାନେ ବଢ଼ାଇବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି ।

## ଆସାମରେ ପୁଣି ନିର୍ବାଚୀ ପ୍ରଚାର କରିବେ ଅମିତ ଶାହ

ଗ୍ୱୌହାଟୀ, ୦୨/୪: ଆସାମରେ ବିଧାନସଭା ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ଏହି କ୍ରମରେ ବିଜେପି ନେତା ଏବଂ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଆଜି ପୁଣିଥରେ ରାଜ୍ୟ ଗସ୍ତରେ ଆସି ନିର୍ବାଚନ ପ୍ରଚାରରେ ସାମିଲ ହେବେ । ଅମିତ ଶାହ ଆଜି ଦ୍ୱିପ୍ରହର ୩ଟାରେ କାଲିଆବରରେ ଏନଡିଏ ପ୍ରାର୍ଥୀ ଏବଂ ମନ୍ତ୍ରୀ କେଶବ ମହନ୍ତଙ୍କ ସମର୍ଥନରେ ନିର୍ବାଚନ ପ୍ରଚାର କରିବେ। ଏହି ସଭାରେ ସେ ଭାଜପା ଓ ଏନଡିଏ ମହାଗଠବନ୍ଧନର ପ୍ରାର୍ଥୀମାନଙ୍କ ପକ୍ଷରେ ସମର୍ଥନ ଚାହିବେ ଏବଂ ସରକାର କରିଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଲୋକମାନଙ୍କ ସମ୍ମୁଖରେ ରଖିବେ।

# ସେଲ୍ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଉତ୍କଳ ଦିବସରେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା, ୦୨/୪ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି), ଏପ୍ରିଲ ପହିଲା ରେ ସମଗ୍ର ରାଜ୍ୟ ସମତାଳ ରେ ଉତ୍କଳ ଦିବସ ପାଳନ କରିଛି। ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ , ଶ୍ରୀ ଆଲୋକ ବର୍ମା, ନିର୍ବାହୀ ନିର୍ଦ୍ଦେଶକ, (ଏଚଆର), ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ, (ଏମଏମ), ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ, (ଖଣି) ଶ୍ରୀ ଏମ ପି ସିଂହ, ନିର୍ବାହୀ ନିର୍ଦ୍ଦେଶକ, (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ସିଏମଓ, ଇନ-ଚାର୍ଜ (ମେଡିକାଲ୍) ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ସିଜିଏମ (ବିତ୍ତ) ଶ୍ରୀ ରାଜେଶ ଦାସଗୁପ୍ତା, ସିଜିଏମ, (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି), ଶ୍ରୀ ବି କେ ଜୋଜୋ, ସିଜିଏମ (ଟାଉନ୍ ସର୍ଭିସେସ୍ ଏବଂ ସିଏସଆର ) ଶ୍ରୀ ଟି ଜି କାନେକର ଏବଂ ଇସ୍ପାତ କାରଖାନା ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମହାନ ବରପୁତ୍ର ଏବଂ ଦେଶପ୍ରେମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ପବିତ୍ର ଅବସରରେ ସେମାନେ ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, କଳିଙ୍ଗ ବୀର ବିଜୁ ପଟ୍ଟନାୟକ, ଆଜାଦୀ ଉଦ୍ୟାନରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୩୬ ମସିହା ଅପ୍ରେଲ ପହିଲା ରେ ଭାଷାଭିତ୍ତିକ ଆଧାରରେ ଗଠିତ ହୋଇଥିବା ଓଡିଶା ରେ, ଉତ୍କଳ ଦିବସ କେବଳ ରାଜ୍ୟର ବିଭିନ୍ନ ସ୍ଥାନରେ ନୁହେଁ ବରଂ ବିଶ୍ୱର ଅନେକ ସ୍ଥାନରେ ମଧ ଏହାର ପ୍ରତିଷ୍ଠାତା ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ଓଡ଼ିଶାର ଲୋକଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ପାଳନ କରାଯାଉଛି ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ

ବୈଶିଙ୍ଗା , ୦୨/୪ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ଓଡିଶା ଦିବସ ପାଳନ ଅବସରରେ 'ବନ୍ଦେ ଉତ୍କଳ ଜନନୀ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଆମ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ସମୂହ ଗାନ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉତ୍କଳର ବରପୁତ୍ର ଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ କରିଥିଲେ । 'ଉତ୍କଳ ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରି ନିଜ ନିଜର ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଆମ ଉତ୍କଳ ର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐକ୍ୟ, ସ୍ୱାଭିମାନ ଓ ଅସ୍ମିତା କୁ ସ୍ମରଣ କରିବା ସହିତ ଏହାକୁ ଉଜ୍ଜୀବିତ କରିବାରେ ସମସ୍ତେ ଯତ୍ନବାନ ହେବାକୁ ମଞ୍ଚାସୀନ ଅତିଥି ଗଣ ପରାମର୍ଶ ପ୍ରଦାନ କରିଥିଲେ । ଯେଉଁ ମହାମନିଶିଙ୍କ ଉଦ୍ୟମରେ ସ୍ୱତନ୍ତ୍ର ଓଡିଶା ଗଠିତ ହୋଇ ପାରିଥିଲା ସେଇ ପୂର୍ବ ସୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡିଶା କୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମ୍ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇ ଥିଲେ । 'ଆମେ ଓଡ଼ିଆ, ଆମ ଭାଷା ବଢିଆ ' ବିଷୟ ବସ୍ତୁ ଉପରେ କବିତା ଲିଖନ, ଓଡ଼ିଶାର ବରପୁତ୍ର- ବିଷୟ ରେ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ବରିଷ୍ଠ ଶିକ୍ଷକ ରାଜ କିଶୋର ଦାସ, ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଦିବ୍ୟ ଦର୍ଶିନୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା: ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ' ଉପରେ ଫିଲ୍ମର ସୁଟିଂ ଆରମ୍ଭ

ଭୁବନେଶ୍ୱର, ୦୨/୪ (ନି.ପ୍ର): ବଡ଼ ପରଦାରେ ଦେଖିବାକୁ ମିଳିବ ସୌରଭ ଗାଙ୍ଗୁଲିଙ୍କ ଜୀବନୀ । ଦୀର୍ଘ ଦିନର କଳ୍ପନାଜଳ୍ପନା ଏବଂ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା: ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ସୁଟିଂ ୧ ଏପ୍ରିଲ୍ ଅର୍ଥାତ୍ ଗତକାଲି ଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଚଳଚ୍ଚିତ୍ରରେ ସୌରଭ ଗାଙ୍ଗୁଲିଙ୍କ ଦମଦାର ବ୍ୟକ୍ତିତ୍ୱକୁ ପରଦାରେ ଜୀବନ୍ତ କରିବା ପାଇଁ ବଲିଉଡର ଅଭିନେତା ରାଜକୁମାର ରାଓଙ୍କୁ ଚୟନ କରାଯାଇଛି। ପୂର୍ବରୁ ଅନେକ ନାମ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ, ଶେଷରେ ରାଜକୁମାରଙ୍କ ଅଭିନୟ ଶୈଳୀ ଓ ଚରିତ୍ର ଭିତରେ ହଜିଯିବାର କ୍ଷମତା ପାଇଁ ତାଙ୍କୁ ଚୂଡ଼ାନ୍ତ କରାଯାଇଛି ।ସୌରଭଙ୍କ ଭଳି ବାମହାତୀ ବ୍ୟାଟିଂ ଶୈଳୀ ଏବଂ ତାଙ୍କର ଚାଲିଚଳନକୁ ଆୟତ୍ତ କରିବା ପାଇଁ ସେ ବିଶେଷ ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, 'ଏହା ଆରମ୍ଭ ହେଲା... ଦାଦା, ଆପଣଙ୍କ ପାଇଁ।' ସୌରଭ ମଧ୍ୟ ରାଜକୁମାରଙ୍କ ଚୟନରେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଉଡାନ' ଏବଂ 'ଲୁଟେରା' ଭଳି ଚଳଚ୍ଚିତ୍ରର ଦକ୍ଷ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ମୋଟୱାନେ। ମୋଟୱାନେ ନିଜର ନିଖୁଣ କାହାଣୀ କହିବା ଶୈଳୀ ପାଇଁ ଜଣାଶୁଣା। ସେ ଇଡେନ ଗାର୍ଡେନର 'ସୌରଭ ଗାଙ୍ଗୁଲି ଷ୍ଟାଣ୍ଡ'ର ଏକ ଫଟୋ ଶେୟାର କରି ଲେଖିଛନ୍ତି, 'ଆସନ ଗ୍ରହଣ କରନ୍ତୁ', ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି। ଲଭ ରଞ୍ଜନ ଓ ଅଙ୍କୁର ଗର୍ଗଙ୍କ 'ଲଭ୍ ଫିଲ୍ମସ' ବ୍ୟାନରରେ ଏହି ବ୍ୟୟବହୁଳ ସିନେମା ନିର୍ମାଣ ହେଉଛି।

# ରାଇକମା ଆଶ୍ରମ ବିଦ୍ୟାଳୟରେ ପବିତ୍ର ଉତ୍କଳ ଦିବସ ପାଳନ ସହିତ ଚାରାରୋପଣ କାର୍ଯ୍ୟକ୍ରମ

ବୈଶିଙ୍ଗା , ୦୨/୪ (ନି.ପ୍ର): ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପବିତ୍ର ଉତ୍କଳ ଦିବସ ପାଳନ ସହିତ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଉତ୍କଳର ବରପୁତ୍ରଙ୍କର ସ୍ମୃତି ଚାରଣ କରିବା ସହିତ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କର ବନ୍ଦେ ଉତ୍କଳ ଜନନୀ ଗାନ,ଚିତ୍ରାଙ୍କନ, କୁଇଜ ଆଦି କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ୍ ସହାୟତାରେ ତଥା ଗ୍ରାମର ବର୍ଷୀୟାନ୍ ବ୍ୟକ୍ତି ଭରତଚନ୍ଦ୍ର ମହାନ୍ତଙ୍କ କରକମଳରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜାମୁକୋଳି ଚାରା ରୋପଣକରାଯାଇ ବାଡବନ୍ଦୀ କରାଯାଇଥିଲା ।ଏହି କାର୍ଯ୍ୟରେ ବିଦ୍ୟାଳୟର କର୍ମଚାରୀ ମଣ୍ଟୁ ମାର୍ଣ୍ଡି ପୂର୍ଣ୍ଣ ସହଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ଏହି ଯେ, ବର୍ଷସାରା ପ୍ରତିଟି ପାଳନୀୟ ଦିବସରେ ରାଇକମା ଆଶ୍ରମ ବିଦ୍ୟାଳୟ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ



ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି



ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ ।

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ ବିଷୟରେ...

୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ। ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

# ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ



ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ୱା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ୱା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।

# ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...

ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ ଖୁବ୍ ଗୁରୁତ୍ୱ ରଖିଥାଏ। ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ

**ଲେମ୍ବୁ ଓ ନଡ଼ିଆ**

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।



**ଅଲିଭ ଅଏଲ ଓ ଜୈତୁନ ତେଲ**

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।





# ସକାଳ ଜଳଖିଆରେ କଣ ଖାଇବା ଭଲ ?

ଖାଲି ପେଟରେ କଫି, ଚା, କିମ୍ୱା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ । ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ । ସକାଳେ ଖାଲି ପେଟରେ ତେଲ କିମ୍ୱା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ୱା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ । ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ । ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ୱା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ ।

# ଲାଗି ରହିଛି କି ଆଣ୍ଠୁଗଣ୍ଠି ସମସ୍ୟା: ଜାଣନ୍ତୁ, ମୁକ୍ତି ପାଇବାର ଆୟୁର୍ବେଦିକ ଉପଚାର



ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠି ବିନ୍ଧା ଏକ ସାଧାରଣ ସମସ୍ୟା ପାଲଟିଛି । କେବଳ ବୃଦ୍ଧାବସ୍ଥାରେ ନୁହେଁ, ବରଂ ଖରାପ ଜୀବନଶୈଳୀ ଯୋଗୁଁ ଯୁବପିଢ଼ି ମଧ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆୟୁର୍ବେଦ ଅନୁସାରେ, ଶରୀରରେ 'ବାତ' ଦୋଷର ଅସନ୍ତୁଳନ ଯୋଗୁଁ ଗଣ୍ଠି ଯନ୍ତ୍ରଣା ହୋଇଥାଏ । ତେବେ କିଛି ସହଜ ଆୟୁର୍ବେଦିକ ଉପଚାର ଦ୍ୱାରା ଆପଣ ଏଥିରୁ ମୁକ୍ତି ପାଇପାରିବେ ।

୧. ହଳଦୀ ଓ କ୍ଷୀର:

ହଳଦୀରେ 'କରକୁମିନ' ନାମକ ଏକ ଉପାଦାନ ଥାଏ, ଯାହା ପ୍ରଦାହ ନାଶକ ଅଟେ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ କ୍ଷୀରରେ ଅଧା ଚାମଚ ହଳଦୀ ଗୁଣ୍ଡ ମିଶାଇ ପିଇଲେ ଗଣ୍ଠି ଫୁଲା ଓ ଯନ୍ତ୍ରଣା ଶୀଘ୍ର କମିଥାଏ ।

୨. ଅଦା ଓ ରସୁଣର ବ୍ୟବହାର:

ଅଦା ଏବଂ ରସୁଣ ଶରୀରରୁ ବାୟୁ ଦୋଷ ଦୂର କରିବାରେ ସାହାଯ୍ୟ କରେ । ପ୍ରତିଦିନ ସକାଳେ ଖାଲି ପେଟରେ ୨-୩ କୋଲା ରସୁଣ ଖାଇବା କିମ୍ୱା ଅଦା ଚା' ପିଇବା ଦ୍ୱାରା ଗଣ୍ଠିରେ ଥିବା ପ୍ରଦାହ କମିଥାଏ ।

୩. ମେଥି ପାଣି:

ମେଥି ଗଣ୍ଠି ଯନ୍ତ୍ରଣା ପାଇଁ ରାମବାଣ ସଦୃଶ । ଏକ ଚାମଚ ମେଥି ମଞ୍ଜିକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ । ସକାଳେ ସେହି ପାଣିକୁ ପିଅନ୍ତୁ ଏବଂ ଭିଜାଇଥିବା ମେଥିକୁ ଚୋବାଇ ଖାଆନ୍ତୁ । ଏହା ଗଣ୍ଠିର ଜବଡ଼ାପଣ ଦୂର କରେ ।

୪. ତେଲ ମାଲିସ:

ଆଣ୍ଠୁଗଣ୍ଠିରେ ରକ୍ତ ସଞ୍ଚାଳନ ବଢ଼ାଇବା ପାଇଁ ମାଲିସ ଅତ୍ୟନ୍ତ ଜରୁରୀ। ସୋରିଷ ତେଲ କିମ୍ୱା ରାଶି ତେଲରେ କିଛି ରସୁଣ ଓ ଅଳ୍ପ ଜୁଆଣି ପକାଇ ଗରମ କରନ୍ତୁ। ଏହି ଉଷୁମ ତେଲକୁ ଆଣ୍ଠୁରେ ଧୀରେ ଧୀରେ ମାଲିସ କରନ୍ତୁ। ଆୟୁର୍ବେଦିକ ମହାନାରାୟଣ ତେଲ ମଧ ଏଥିପାଇଁ ଖୁବ୍ ପ୍ରଭାବଶାଳୀ।

୫. ସଠିକ୍ ଖାଦ୍ୟପେୟ ଓ ଯୋଗ:

ଖାଦ୍ୟରେ ଅଧିକ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଯଥା- କ୍ଷୀର, ଛେନା ଓ ଶାଗ ସାମିଲ କରନ୍ତୁ । ଅତ୍ୟଧିକ ଖଟା, ଥଣ୍ଡା ପାନୀୟ ଏବଂ ବାୟୁ କରୁଥିବା ଖାଦ୍ୟରୁ ଦୂରେଇ ରୁହନ୍ତୁ । ପ୍ରତିଦିନ ସକାଳୁ ୧୫-୨୦ ମିନିଟ୍ କୋମଳ ଖରାରେ ବସନ୍ତୁ, ଯାହାଦ୍ୱାରା ଶରୀରକୁ ପ୍ରାକୃତିକ ଭିଟାମିନ୍-ଡି ମିଳିବ। ଯଦି ଯନ୍ତ୍ରଣା ଅତ୍ୟଧିକ ହେଉଥାଏ, ତେବେ ଡାକ୍ତର କିମ୍ୱା ଜଣେ ଅଭିଜ୍ଞ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍ । ନିୟମିତ ଯୋଗାସନ ଏବଂ ସନ୍ତୁଳିତ ଆହାର ଦ୍ୱାରା ଆପଣ ଏହି ସମସ୍ୟାରୁ ସ୍ଥାୟୀ ମୁକ୍ତି ପାଇପାରିବେ ।

# ବାସ୍ତୁ ଦୋଷ ଦୂର୍ କରେ ସିନ୍ଦୂର୍

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।



♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ସାରୁପତ୍ରରେ ତିଆରି କରନ୍ତୁ ସ୍ୱାଦିଷ୍ଟ ବ୍ୟଞ୍ଜନ: ପ୍ରସ୍ତୁତି ପ୍ରଣାଳୀ ଖୁବ ସହଜ



କୋବିପତ୍ର, ମୂଳାପତ୍ର, ସଜନାପତ୍ର, ପାଳଙ୍ଗଶାଗ, କୋଶିଳା ଶାଗର ପତ୍ରର ପକୁଡ଼ି ବା ତରକାରୀ ନିଶ୍ଚିତ ଭାବେ ଖାଇଥିବେ। କେବେ ସାରୁପତ୍ରରେ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି କି। ଖୁବ କମ ଲୋକେ ଜାଣିଥିବେ ସାରୁପତ୍ରରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁଚ ହୋଇପାରେ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।

ଆବଶ୍ୟକ ସାମଗ୍ରୀ: ୫ଟି ସାରୁପତ୍ର,୧୫୦ ଗ୍ରାମ ବେସନ,୧୦୦ଗ୍ରାମ ତେନ୍ତୁଳି ମଣ୍ଡ ,୨୦ ଗ୍ରାମ ଲଙ୍କା ଗୁଣ୍ଡ,୫ ଗ୍ରାମ ହଳଦୀ ପାଉଡର, ୨ ଗ୍ରାମ ହିଂ, ୨ଗ୍ରାମ ଭଜା ଜିରା, ୨୦ ଗ୍ରାମ ଚିନି, ୨୦ ମିଲି ତେଲ, ସ୍ୱାଦ ଅନୁସାରେ ଲୁଣ।

ମୁଖ୍ୟ ପ୍ରସ୍ତୁତି ପ୍ରଣାଳୀ: ସାରୁ ପତ୍ରକୁ ଭଲଭାବେ ସଫା କରନ୍ତୁ। ଉପରୋକ୍ତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଏକ ଘନ ବ୍ୟାଟର ପ୍ରସ୍ତୁତ କରନ୍ତୁ। ପ୍ରଥମେ ଗୋଟିଏ ପତ୍ରକୁ ବିଛାଇ ପ୍ରସ୍ତୁତ କରି ରଖିଥିବା ବ୍ୟାଟରର ଏକ ପତଳା ସ୍ତର ଲଗାନ୍ତୁ। ଉପରେ ଆଉ ଏକ ପତ୍ର ରଖନ୍ତୁ। ସେହିପରି ସମ୍ପୂର୍ଣ୍ଣ ବ୍ୟାଟରକୁ ବାକି ପତ୍ର ଉପରେ ଲଗାନ୍ତୁ। ୫ଟି ପତ୍ରକୁ ପରସ୍ତ ପରସ୍ତ କରି ବ୍ୟାଟର ସହିତ ରଖନ୍ତୁ। ଏହାପରେ ଏହାକୁ ରୋଲଭଳି ଗୁଡ଼ାଇ ଏକ ସୂତା ସାହାଯ୍ୟରେ ବାନ୍ଧି ଇଡ଼ିଲି ଛାଞ୍ଚରେ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ସିଝିବା ପାଇଁ ପାଖାପାଖି ୨୦ମିନିଟର ସମୟ ଲାଗିବ।

ସିଝିଗଲା ପରେ ଉକ୍ତ ରୋଲକୁ ଗୋଲ ଗୋଲ କରି କାଟି ଦିଅନ୍ତୁ। ଏହାପରେ ଏକ ପ୍ୟାନରେ ତେଲ ଗରମ କରି ଗୋଟେ ପରେ ଗୋଟେ ସାରୁପତ୍ରକୁ ଛାଣନ୍ତୁ। ଏହାକୁ ଧନିଆ, ପୋଦିନା କିମ୍ୱା ଟମାଟୋ ଚଟୁଣୀ ସହିତ ପରଷନ୍ତୁ।

# ପେଟ୍ରୋଲର ବିକଳ୍ପ ସାଜିବ କି ମରୁଡ଼ିର କାରଣ ?

ସମ୍ପ୍ରତି ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି ଯେ, ୨୦୨୬ ମସିହା ଏପ୍ରିଲ ୧ ତାରିଖଠାରୁ ସମଗ୍ର ଦେଶରେ ଇ-୨୦ ପେଟ୍ରୋଲ ବିକ୍ରିକୁ ବାଧ୍ୟତାମୂଳକ କରାଯିବ । ଇ-୨୦ ପେଟ୍ରୋଲର ଅର୍ଥ ହେଉଛି ଏଥିରେ ୮୦ ପ୍ରତିଶତ ପେଟ୍ରୋଲ ସହିତ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରାଯିବ । ଏହି ନୂତନ ନିୟମ ଅନୁଯାୟୀ ବିକ୍ରି ହେବାକୁ ଥିବା ପେଟ୍ରୋଲର ସର୍ବନିମ୍ନ ରିସର୍ଚ୍ଚ ଅକ୍ଟେନ୍ ନମ୍ବର ବା ଆରଓଏନ ୯୫ ରହିବା ବାଧ୍ୟତାମୂଳକ କରାଯାଇଛି, ଯାହାକି ଇଞ୍ଜିନର କ୍ଷମତା ବଜାୟ ରଖିବାରେ ଏବଂ ଇଞ୍ଜିନ ନକିଂ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ୨୦ ପ୍ରତିଶତ ଇଥାନଲ ମିଶ୍ରଣ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବା ପାଇଁ ସ୍ଥିର କରାଯାଇଥିଲା, ମାତ୍ର ସରକାର ଏହି ସମୟସୀମାକୁ ଆଗୁଆ କରି ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦେଶରୁ ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମାଇବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଏବଂ ଯାନବାହନରୁ ନିର୍ଗତ ହେଉଥିବା ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା । ସରକାରୀ ତଥ୍ୟ ଅନୁଯାୟୀ, ୨୦୧୪-୧୫ ମସିହାଠାରୁ ପେଟ୍ରୋଲରେ ଇଥାନଲ ମିଶ୍ରଣ କାରଣରୁ ଭାରତ ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କାର ବୈଦେଶିକ ମୁଦ୍ରା ସଞ୍ଚୟ କରିସାରିଲାଣି । ଆପାତତଃ ଏହି ପଦକ୍ଷେପଟି ଦେଶର ଅର୍ଥନୀତି ଏବଂ ପରିବେଶ ପାଇଁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ବୋଲି ମନେ ହେଉଥିଲେ ମଧ୍ୟ, ଏହାର ଅନ୍ତରାଳରେ ଥିବା ବାସ୍ତବତା ଅତ୍ୟନ୍ତ ଉଦ୍‌ବେଗଜନକ ଅଟେ । ଭାରତ ପରି ଏକ ଜଳ ସଙ୍କଟଗ୍ରସ୍ତ ଦେଶରେ ଇଥାନଲକୁ ଏକ ଆଦର୍ଶ ବା ବିକଳ୍ପ ଇନ୍ଧନ ଭାବରେ ଗ୍ରହଣ କରିବା କେତେ ଦୂର ଯୁକ୍ତିଯୁକ୍ତ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷକରି ଇଥାନଲ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲର ଚାଷ ପ୍ରଣାଳୀ ଏବଂ ଦେଶର ଦ୍ରୁତ ଗତିରେ ହ୍ରାସ ପାଉଥିବା ଭୂତଳ ଜଳସ୍ତରକୁ ବିଚାରକୁ ନେଲେ, ଏହି ନୀତିର ଭୟାବହତା ସ୍ପଷ୍ଟ ବାରି ହୋଇପଡ଼େ ।

ବିଶ୍ୱସ୍ତରରେ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଜୈବ ଇନ୍ଧନ ବା ବାୟୋଫୁଏଲର ଚାହିଦା ବୃଦ୍ଧି ପାଉଛି । ଭାରତ ମଧ୍ୟ ବ୍ରାଜିଲ ଏବଂ ଆମେରିକା ଭଳି ଦେଶର ପଦାଙ୍କ ଅନୁସରଣ କରି ନିଜର ଇଥାନଲ ଉତ୍ପାଦନ କ୍ଷମତାକୁ ବହୁଗୁଣିତ କରୁଛି । କିନ୍ତୁ ଆମକୁ ଏହା ବୁଝିବାକୁ ହେବ ଯେ ବ୍ରାଜିଲ କିମ୍ବା ଆମେରିକାର ଭୌଗୋଳିକ ସ୍ଥିତି ଏବଂ ଜଳ ସମ୍ପଦର ଉପଲବ୍ଧତା ଭାରତ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଭାରତରେ ଇଥାନଲ ମୁଖ୍ୟତଃ ଆଖୁ, ଧାନ ଏବଂ ମକା ଭଳି କୃଷିଜାତ ଦ୍ରବ୍ୟରୁ ଉତ୍ପାଦନ କରାଯାଏ । ଏହି ଫସଲଗୁଡ଼ିକ ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ଶ୍ରେଣୀଭୁକ୍ତ ଅଟନ୍ତି । ନୀତି ଆୟୋଗ ଏବଂ ସରକାରୀ ଗବେଷଣା ତଥ୍ୟ ଅନୁଯାୟୀ, କେବଳ ଆଖୁରୁ ମାତ୍ର ଏକ ଲିଟର ଇଥାନଲ ଉତ୍ପାଦନ କରିବା ପାଇଁ ହାରାହାରି ୨୮୬୦ ରୁ ୩୬୩୦ ଲିଟର ପର୍ଯ୍ୟନ୍ତ ଜଳର ଆବଶ୍ୟକତା ପଡ଼ିଥାଏ । ସେହିପରି ଧାନରୁ ଏକ ଲିଟର ଇଥାନଲ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୧୦ ହଜାର ଲିଟରରୁ ଅଧିକ ଜଳ ଖର୍ଚ୍ଚ ହୋଇଥାଏ । ସରକାରଙ୍କ ୨୦୨୫-୨୬ ସୁଦ୍ଧା ୨୦ ପ୍ରତିଶତ ଇଥାନଲ ମିଶ୍ରଣ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦେଶକୁ ବାର୍ଷିକ ପ୍ରାୟ ୧୦୧୬ କୋଟି ଲିଟର ଇଥାନଲ ଦରକାର ହେବ । ଏକ ସ୍ୱାଧୀନ ଗବେଷଣା ଅନୁଯାୟୀ, ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଭାରତକୁ ଅତିରିକ୍ତ ୧୩୨୦ ନିୟୁତ ଟନ୍ ଆଖୁ, ୧୯ ନିୟୁତ ହେକ୍ଟର ଅତିରିକ୍ତ ଚାଷ ଜମି ଏବଂ ୩୪୮ ବିଲିୟନ କ୍ୟୁବିକ୍ ମିଟର ଅତିରିକ୍ତ ଜଳର ଆବଶ୍ୟକତା ପଡ଼ିବ। ଏହି ବିପୁଳ ପରିମାଣର ଇଥାନଲ କେବଳ ଆଖୁରୁ ଉତ୍ପାଦନ କରିବାକୁ ହେଲେ ବାର୍ଷିକ ପ୍ରାୟ ୨୯ ଟ୍ରିଲିୟନ ଲିଟର ଜଳର ଆବଶ୍ୟକତା ପଡ଼ିବ, ଯାହାକି ଦେଶର କୋଟି କୋଟି ଲୋକଙ୍କ ବାର୍ଷିକ ଜଳ ଆବଶ୍ୟକତା ସହିତ ସମାନ ଅଟେ । ଏତେ ବଡ଼ ଧରଣର ଜଳ ରାଶିକୁ କେବଳ ଗାଡ଼ି ମୋଟର ଚଳାଇବା ପାଇଁ ଇନ୍ଧନ ଉତ୍ପାଦନରେ ବ୍ୟବହାର କରିବା ଏକ ଦୂରଦୃଷ୍ଟିହୀନ ନିଷ୍ପତ୍ତି ବୋଲି ପରିବେଶବିତ୍ ମାନେ ଦୃଢ଼ ମତବ୍ୟକ୍ତ କରୁଛନ୍ତି ।

ଭାରତ ବର୍ତ୍ତମାନ ଏକ ଭୟଙ୍କର ଭୂତଳ ଜଳ ସଙ୍କଟ ଦେଇ ଗତି କରୁଛି, ଯାହାକୁ ଅଣଦେଖା କଲେ ଆଗାମୀ ଦିନରେ ଏକ ଜାତୀୟ ବିପର୍ଯ୍ୟୟ ସୃଷ୍ଟି ହେବା ନିଶ୍ଚିତ । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ (ସିଜିଡବ୍ଲ୍ୟୁବି) ର ୨୦୨୪-୨୫ ରିପୋର୍ଟ ଅନୁଯାୟୀ, ଦେଶର ବାର୍ଷିକ ଭୂତଳ ଜଳ ନିଷ୍କାସନ ପରିମାଣ ପ୍ରାୟ ୨୪୭ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍) ରହିଛି, ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ ଅଟେ । ଏହି ନିଷ୍କାସିତ ଜଳରୁ ସର୍ବାଧିକ ୮୭ ପ୍ରତିଶତ କେବଳ କୃଷି କ୍ଷେତ୍ରରେ ବ୍ୟବହାର କରାଯାଉଛି । ଦେଶର ଅନେକ ରାଜ୍ୟରେ ଜଳ ନିଷ୍କାସନର ମାତ୍ରା ଜଳ ଭରଣ ବା ରିଚାର୍ଜ ମାତ୍ରାଠାରୁ ବହୁତ ଅଧିକ ରହିଛି । ଉଦାହରଣ ସ୍ୱରୂପ, ପଞ୍ଜାବରେ ଭୂତଳ ଜଳ ନିଷ୍କାସନ ହାର ୧୫୬ ପ୍ରତିଶତ ଥିବା ବେଳେ ରାଜସ୍ଥାନରେ ଏହା ୧୪୭ ପ୍ରତିଶତ ଏବଂ ହରିୟାଣାରେ ୧୩୬ ପ୍ରତିଶତ ରହିଛି । ଅର୍ଥାତ୍ ଏହି ରାଜ୍ୟଗୁଡ଼ିକରେ ଯେତିକି ଜଳ ମାଟି ତଳକୁ ଯାଉଛି, ତା'ଠାରୁ ବହୁ ଗୁଣ ଅଧିକ ଜଳ ପମ୍ପ ଯୋଗେ ବାହାରକୁ ବାହାର କରି ନିଆଯାଉଛି । ଉତ୍ତର ଭାରତର ସ୍ଥିତି ସବୁଠାରୁ ସାଂଘାତିକ ଅଟେ । ସାଟେଲାଇଟ୍ ତଥ୍ୟ ଉପରେ ଆଧାରିତ ଏକ ସମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୨୦୦୨ ରୁ ୨୦୨୧ ମସିହା ମଧ୍ୟରେ ଉତ୍ତର ଭାରତ ପ୍ରାୟ ୪୫୦ କ୍ୟୁବିକ୍ କିଲୋମିଟର ଭୂତଳ ଜଳ ହରାଇଛି । ନୀତି ଆୟୋଗଙ୍କ କମ୍ପୋଜିଟ୍ ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ ରିପୋର୍ଟ ଅନୁସାରେ ଦେଶର ପ୍ରାୟ ୬୦ କୋଟି ଲୋକ ତୀବ୍ର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏଭଳି ଏକ ସଙ୍କଟାପନ୍ନ ପରିସ୍ଥିତିରେ, ଅଧିକ ଜଳ ଆବଶ୍ୟକ କରୁଥିବା ଆଖୁ ଏବଂ ଧାନ ଚାଷକୁ ଇନ୍ଧନ ପାଇଁ ପ୍ରୋତ୍ସାହିତ କରିବା ଅର୍ଥ ଜାଣିଶୁଣି ଦେଶକୁ ଏକ ମରୁଭୂମି ଆଡ଼କୁ ଠେଲିଦେବା ସହିତ ସମାନ ଅଟେ ।

ଆମ ଦେଶରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଏବଂ ତାମିଲନାଡୁ ହେଉଛନ୍ତି ପ୍ରମୁଖ ଆଖୁ ଉତ୍ପାଦନକାରୀ ରାଜ୍ୟ । ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଞ୍ଚଳ ମରୁଡ଼ି ପ୍ରବଣ ଅଟନ୍ତି ଏବଂ ବାରମ୍ବାର ବୃଷ୍ଟିପାତର ଅଭାବ ଦେଖାଦେଇଥାଏ । ମହାରାଷ୍ଟ୍ରର ଉଦାହରଣ ନେଲେ, ସେଠାରେ ମୋଟ ଚାଷ ଜମିର ମାତ୍ର ୪ ପ୍ରତିଶତ ଅଞ୍ଚଳରେ ଆଖୁ ଚାଷ କରାଯାଏ, କିନ୍ତୁ ଏହି ୪ ପ୍ରତିଶତ ଜମି ରାଜ୍ୟର ମୋଟ ଜଳସେଚନ ଜଳର ୬୦ ପ୍ରତିଶତରୁ ଅଧିକ ଶୋଷି ନେଇଥାଏ । ଇ-୨୦ ପେଟ୍ରୋଲର ବାଧ୍ୟତାମୂଳକ ନିୟମ ଲାଗୁ ହେବା ପରେ ଇଥାନଲର ଚାହିଦା ଆହୁରି ବଢ଼ିବ ଏବଂ ଏହାକୁ ପୂରଣ କରିବା ପାଇଁ କୃଷକମାନେ ଅଧିକରୁ ଅଧିକ ଆଖୁ ଏବଂ ଧାନ ଚାଷ କରିବାକୁ ଆଗ୍ରହୀ ହେବେ । ଏହା ଫଳରେ ଖାଦ୍ୟ ସୁରକ୍ଷା ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପଡ଼ିବ । ଜମି ଏବଂ ଜଳକୁ ଖାଦ୍ୟଶସ୍ୟ ବଦଳରେ ଇନ୍ଧନ ଉତ୍ପାଦନ ପାଇଁ ବ୍ୟବହାର କଲେ ଭବିଷ୍ୟତରେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି । କେବଳ ସେତିକି ନୁହେଁ, ବର୍ତ୍ତମାନ ସରକାର ଚାଉଳ ଏବଂ ମକାରୁ ମଧ୍ୟ ଇଥାନଲ ଉତ୍ପାଦନ ଉପରେ ଜୋର ଦେଉଛନ୍ତି । ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଦେଶରେ ଉତ୍ପାଦିତ ମୋଟ ଇଥାନଲର ପ୍ରାୟ ଅଧାଭାଗ ଶସ୍ୟଭିତ୍ତିକ କଞ୍ଚାମାଲରୁ ଆସୁଛି, ଯେଉଁଥିରେ ଅତିରିକ୍ତ ଚାଉଳ ଏବଂ ମକାର ବହୁଳ ବ୍ୟବହାର ହେଉଛି । ଧାନ ଏବଂ ମକା ଭଳି ଅତ୍ୟାବଶ୍ୟକ ଖାଦ୍ୟଶସ୍ୟକୁ ଯାନବାହନର ଇନ୍ଧନ ଭାବରେ ପୋଡ଼ିବା ଏବଂ ସେଥିପାଇଁ ବିପୁଳ ପରିମାଣର ଭୂତଳ ଜଳକୁ ନିଃଶେଷ କରିବା କୌଣସି ଦୃଷ୍ଟିକୋଣରୁ ଏକ ସ୍ଥାୟୀ ବିକାଶର ମଡେଲ ହୋଇନପାରେ । ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଖାଦ୍ୟ ବଦଳରେ ଇନ୍ଧନକୁ ପ୍ରାଧାନ୍ୟ ଦେବା ଏକ ବିପଜ୍ଜନକ ସାମାଜିକ ଏବଂ ଅର୍ଥନୈତିକ ଅସନ୍ତୁଳନ ସୃଷ୍ଟି କରିପାରେ ।

ଅନ୍ୟପକ୍ଷରେ, ଇଥାନଲ ମିଶ୍ରଣରୁ ପରିବେଶକୁ ଯେତିକି ଫାଇଦା ମିଳିବ ବୋଲି ଦାବି କରାଯାଉଛି, ଏହାର ସାମଗ୍ରିକ ଜୀବନଚକ୍ରକୁ ଅନୁଧ୍ୟାନ କଲେ ତାହା ମଧ୍ୟ ସନ୍ଦେହଘେରକୁ ଆସିଯାଏ। ଗାଡ଼ିରୁ ନିର୍ଗତ ହେଉଥିବା ଧୂଆଁ ବା ଟେଲପାଇପ୍ ନିର୍ଗମନ କମିପାରେ, କିନ୍ତୁ ଆଖୁ ଏବଂ ଧାନ ଚାଷ ପାଇଁ ବ୍ୟବହୃତ ରାସାୟନିକ ସାର, କୀଟନାଶକ ଏବଂ ଟ୍ରାକ୍ଟର ତଥା ପମ୍ପ ଚଳାଇବା ପାଇଁ ଖର୍ଚ୍ଚ ହେଉଥିବା ବିଦ୍ୟୁତ୍ ବା ଡିଜେଲରୁ ହେଉଥିବା ପ୍ରଦୂଷଣକୁ ହିସାବକୁ ନେଲେ ଇଥାନଲର ପ୍ରକୃତ କାର୍ବନ ଫୁଟପ୍ରିଣ୍ଟ ବହୁତ ଅଧିକ ରହିବ । ଏହାବ୍ୟତୀତ, କୃଷି କ୍ଷେତ୍ରରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାର ଯୋଗୁଁ ଅବଶିଷ୍ଟ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶର ୪୪୦ ଟି ଜିଲ୍ଲାରେ ଭୂତଳ ଜଳରେ ୟୁରାନିୟମ, ଫ୍ଲୋରାଇଡ୍, ନାଇଟ୍ରେଟ୍ ଏବଂ ଆର୍ସେନିକ୍ ଭଳି ବିଷାକ୍ତ ଉପାଦାନ ବିପଜ୍ଜନକ ସ୍ତରରେ ପହଞ୍ଚିଲାଣି, ଯାହାକି ପରୀକ୍ଷା କରାଯାଇଥିବା ନମୁନାର ଏକ ପଞ୍ଚମାଂଶ ଅଟେ । ଏଭଳି ସ୍ଥିତିରେ ଅଧିକ ଜଳ ଶୋଷଣ କରୁଥିବା ଫସଲ ଚାଷ କଲେ ଭୂତଳ ଜଳସ୍ତର ଆହୁରି ତଳକୁ ଖସିବ ଏବଂ ଜଳର ଗୁଣବତ୍ତା ଆହୁରି ଖରାପ ହେବ, ଯାହାକି କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିବ । ସରକାର ଅଶୋଧିତ ତୈଳ ଆମଦାନୀ କମାଇ ଯେଉଁ ବିପୁଳ ଅର୍ଥ ସଞ୍ଚୟ କରିବେ, ତାହା ଦେଶର ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ବ୍ୟବସ୍ଥାକୁ ସୁଧାରିବାରେ ଏବଂ ଜଳ ସଙ୍କଟର ମୁକାବିଲା କରିବାରେ ଖର୍ଚ୍ଚ ହୋଇଯିବ । ଏହା ଏକ ପ୍ରକାରର ତରଳ ପଦାର୍ଥ (ପେଟ୍ରୋଲିୟମ) ବଦଳରେ ଅନ୍ୟ ଏକ ଅମୂଲ୍ୟ ତରଳ ପଦାର୍ଥ (ଭୂତଳ ଜଳ) ର ବିନିମୟ ସଦୃଶ ଅଟେ, ଯେଉଁଥିରେ କ୍ଷତି କେବଳ ସାଧାରଣ ଜନତା ଏବଂ ପରିବେଶର ହିଁ ହେବ । ଏହାଛଡ଼ା ପୁରୁଣା ଯାନବାହନଗୁଡ଼ିକରେ ଇ-୨୦ ପେଟ୍ରୋଲର ବ୍ୟବହାର ଯୋଗୁଁ ଇଞ୍ଜିନର ମାଇଲେଜ୍ ୩ ରୁ ୭ ପ୍ରତିଶତ ପର୍ଯ୍ୟନ୍ତ କମିଯିବାର ଆଶଙ୍କା ରହିଛି ଏବଂ ରବର ତଥା ପ୍ଲାଷ୍ଟିକ୍ ଯନ୍ତ୍ରାଂଶ ଶୀଘ୍ର ନଷ୍ଟ ହେବାର ସମ୍ଭାବନା ମଧ୍ୟ ରହିଛି, ଯାହାକି ସାଧାରଣ ଖାଉଟିଙ୍କ ଉପରେ ଆର୍ଥିକ ବୋଝ ପକାଇବ ।

ଯଦି ଭାରତ ସରକାର ପ୍ରକୃତରେ ସବୁଜ ଶକ୍ତି ଏବଂ ସ୍ଥାୟୀ ବିକାଶ ଚାହୁଁଛନ୍ତି, ତେବେ ପ୍ରଥମ ପିଢ଼ିର (ଫାଷ୍ଟ ଜେନେରେସନ୍) ଇଥାନଲ ଉପରେ ନିର୍ଭରଶୀଳତା କମାଇ ଦ୍ୱିତୀୟ ପିଢ଼ିର (ସେକେଣ୍ଡ ଜେନେରେସନ୍ ବା ୨ଜି) ଜୈବ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ୨ଜି ଇଥାନଲ କୃଷି ବର୍ଜ୍ୟବସ୍ତୁ ଯଥା ଧାନ ନଡ଼ା, ଗହମ ନଡ଼ା ଏବଂ ଆଖୁ ଛିପାରୁ ପ୍ରସ୍ତୁତ କରାଯାଏ । ଏହାଦ୍ୱାରା ଖାଦ୍ୟଶସ୍ୟ ବା ଅତିରିକ୍ତ ଜଳର ଆବଶ୍ୟକତା ପଡ଼େ ନାହିଁ ଏବଂ କୃଷି ବର୍ଜ୍ୟବସ୍ତୁ ପୋଡ଼ିବା ଜନିତ ପ୍ରଦୂଷଣ ମଧ୍ୟ କମିଥାଏ । ତଥାପି ଭାରତରେ ୨ଜି ଇଥାନଲ ଜ୍ଞାନକୌଶଳ ବର୍ତ୍ତମାନ ପ୍ରାଥମିକ ସ୍ତରରେ ରହିଛି ଏବଂ ଏହାର ଉତ୍ପାଦନ ଖର୍ଚ୍ଚ ବହୁତ ଅଧିକ ରହିଛି । ଏହାକୁ ବ୍ୟବସାୟିକ ଭିତ୍ତିରେ ସଫଳ କରିବା ପାଇଁ ବ୍ୟାପକ ଗବେଷଣା ଏବଂ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି । ଏହାସହ ଇଲେକ୍ଟ୍ରିକ୍ ଯାନ (ଇଭି) ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଭଳି ପ୍ରକୃତ ସବୁଜ ବିକଳ୍ପଗୁଡ଼ିକର ପ୍ରସାର ଦିଗରେ ଅଧିକ ପୁଞ୍ଜି ନିବେଶ କରିବା ଉଚିତ୍ । ଇଥାନଲ ମିଶ୍ରଣ ଏକ ସାମୟିକ ସମାଧାନ ହୋଇପାରେ, କିନ୍ତୁ ଏହା ଦେଶର ଦୀର୍ଘକାଳୀନ ଶକ୍ତି ସୁରକ୍ଷା ଏବଂ ପରିବେଶ ସୁରକ୍ଷା ପାଇଁ ଆଦୌ ଉପଯୁକ୍ତ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ, ୨୦୨୬ ଏପ୍ରିଲରୁ ଇ-୨୦ ପେଟ୍ରୋଲକୁ ବାଧ୍ୟତାମୂଳକ କରିବା ନିଷ୍ପତ୍ତିକୁ ଏକ ବୃହତ୍ତର ପରିପ୍ରେକ୍ଷୀରେ ପୁନର୍ବିଚାର କରିବାର ସମୟ ଆସିଛି। ଶକ୍ତି ନିରାପତ୍ତା ନାମରେ ଦେଶର ସୀମିତ ଏବଂ ମୂଲ୍ୟବାନ ଭୂତଳ ଜଳକୁ ନିଃଶେଷ କରିଦେବା ଏକ ଆତ୍ମଘାତୀ ପଦକ୍ଷେପ ଅଟେ । ଜଳ ବିନା ଜୀବନ ଅସମ୍ଭବ, କିନ୍ତୁ ପେଟ୍ରୋଲ ବିନା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ । ସରକାରୀ ନୀତିଗୁଡ଼ିକ କେବଳ ଅର୍ଥନୈତିକ ଲାଭ କିମ୍ବା ଆମଦାନୀ ଶୁଳ୍କ ହ୍ରାସ ଉପରେ ପର୍ଯ୍ୟବେସିତ ନହୋଇ ଦେଶର ପାରିସ୍ଥିତିକ ସନ୍ତୁଳନ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଉଚିତ୍ । ଇଥାନଲ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ ଜଳର ଅପବ୍ୟବହାରକୁ ରୋକିବା ପାଇଁ କଠୋର ନିୟମାବଳୀ ପ୍ରଣୟନ କରାଯିବା ଆବଶ୍ୟକ । ଜଳ ସଙ୍କଟ ଭଳି ଏକ ଜାତୀୟ ବିପତ୍ତିକୁ ଅଣଦେଖା କରି ଇଥାନଲ ଲକ୍ଷ୍ୟ ପୂରଣ କରିବାକୁ ଧାଇଁବା ଏକ ବିବେକହୀନ ନିଷ୍ପତ୍ତି । ଆମକୁ ମନେ ରଖିବାକୁ ହେବ ଯେ, ଆମର ଭବିଷ୍ୟତ ପିଢ଼ିକୁ ବଞ୍ଚିବା ପାଇଁ କେବଳ ଇନ୍ଧନ ନୁହେଁ, ବରଂ ପିଇବା ପାଇଁ ବିଶୁଦ୍ଧ ଜଳର ମଧ୍ୟ ନିତାନ୍ତ ଆବଶ୍ୟକତା ରହିଛି । ତେଣୁ ଇଥାନଲ କଦାପି ଭାରତୀୟ ପରିପ୍ରେକ୍ଷୀରେ ଏକ ଆଦର୍ଶ ବା ଉପଯୁକ୍ତ ଇନ୍ଧନ ହୋଇପାରିବ ନାହିଁ ।

# କୁଣ୍ଡଳୀରେ ଆନ୍ତଃଜାତି ବିବାହ ଯୋଗ ଓ ଜ୍ୟୋତିଷ ବିଚାର



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଦେଶରେ ପରିବର୍ତ୍ତିତ ସାମାଜିକ ପରିବେଶ ମଧ୍ୟରେ, ଆନ୍ତଃଜାତି ବିବାହ ବିଷୟରେ ଆଲୋଚନା ନିରନ୍ତର ବୃଦ୍ଧି ପାଉଛି। ତଥାପି, ଜ୍ୟୋତିଷମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଆନ୍ତଃଜାତି ବିବାହ କେବଳ ସାମାଜିକ ପରିବର୍ତ୍ତନର ପରିଣାମ ନୁହେଁ ବରଂ କୁଣ୍ଡଳୀରେ ନିର୍ଦ୍ଦିଷ୍ଟ ଗ୍ରହ ସଂଯୋଗର ପରିଣାମ ମଧ୍ୟ। ଜ୍ୟୋତିଷ ବିଶେଷଜ୍ଞଙ୍କ ଅନୁଯାୟୀ, ଅନେକ ଯୁବକ ଯୁବତୀଙ୍କ ବିବାହରେ ଲଗାତାର ବିଳମ୍ବ କିମ୍ବା ନିଜ ଜାତି ମଧ୍ୟରେ ସମ୍ପର୍କ ସ୍ଥିର କରିବାରେ ଅସମର୍ଥତା କେବଳ ପାରିବାରିକ କିମ୍ବା ସାମାଜିକ କାରଣ ଯୋଗୁଁ ନୁହେଁ, ବରଂ ଜନ୍ମ କୁଣ୍ଡଳୀରେ ଗ୍ରହମାନଙ୍କର ପ୍ରଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯଦି କୁଣ୍ଡଳୀରେ ଆନ୍ତଃଜାତି ବିବାହର ଯୋଗ ଅଛି, ତେବେ ବ୍ୟକ୍ତି ନିଜ ଜାତି ବାହାରେ ବିବାହ କରିବାର ସମ୍ଭାବନା ଅଧିକ ଥାଏ। ଜ୍ୟୋତିଷ ଶାସ୍ତ୍ରୀମାନେ କୁହନ୍ତି ଯେ କୁଣ୍ଡଳୀର ସପ୍ତମ ସ୍ଥାନକୁ ବିବାହ ଏବଂ ଜୀବନସାଥୀ ସହିତ ଜଡିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବରେ ବିବେଚନା କରାଯାଏ। ଯଦି ଏହି ସ୍ଥାନ କିଛି ଗ୍ରହ ଦ୍ୱାରା ପ୍ରଭାବିତ ହୁଏ, ତେବେ ପାରମ୍ପରିକ ସୀମା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ। ବିଶେଷକରି ରାହୁ ଏବଂ ଶନିଙ୍କୁ ଏପରି ଗ୍ରହ ଭାବରେ ବିବେଚନା କରାଯାଏ ଯାହା ପରମ୍ପରା ଏବଂ ସାମାଜିକ ମାନଦଣ୍ଡକୁ ଭାଙ୍ଗିଥାଏ। ତେଣୁ, ଯେତେବେଳେ ଏହି ଗ୍ରହଗୁଡ଼ିକ ସପ୍ତମ ସ୍ଥାନ କିମ୍ବା ଏହାର କର୍ତ୍ତାଙ୍କୁ ପ୍ରଭାବିତ କରନ୍ତି, ଜାତି, ଧର୍ମ କିମ୍ବା ସମାଜର ପରମ୍ପରା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ।

ଜ୍ୟୋତିଷଶାସ୍ତ୍ରୀଙ୍କ ଅନୁସାରେ, ଯଦି କୌଣସି କୁଣ୍ଡଳୀର ସପ୍ତମ ସ୍ଥାନ ରାହୁ, ଶନି କିମ୍ବା କେତୁ ଭଳି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, କିମ୍ବା ଯଦି ସପ୍ତମ ଘରର କର୍ତ୍ତା ଏହି ଗ୍ରହମାନଙ୍କ ସହିତ ସଂଯୋଗ କିମ୍ବା ଦିଗକୁ ଥାଏ, ତେବେ ଏହାକୁ ଏକ ସଙ୍କେତ ଭାବରେ ବିବେଚନା କରାଯାଏ ଯେ ଜଣେ ବ୍ୟକ୍ତିଙ୍କ ବିବାହ ପାରମ୍ପରିକ ବ୍ୟବସ୍ଥାରୁ ବିଚ୍ୟୁତ ହୋଇପାରେ। ଏହା ବ୍ୟତୀତ, ବିବାହ ପାଇଁ ଦାୟୀ ଗ୍ରହଗୁଡ଼ିକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପୁରୁଷମାନଙ୍କ କୁଣ୍ଡଳୀରେ ଶୁକ୍ର ଏବଂ ମହିଳାଙ୍କ କୁଣ୍ଡଳୀରେ ବୃହସ୍ପତିଙ୍କୁ ବିବାହର ମୁଖ୍ୟ କାରକ ଭାବରେ ବିବେଚନା କରାଯାଏ। ଯଦି ଏହି ଗ୍ରହଗୁଡ଼ିକ ରାହୁ, ଶନି କିମ୍ବା କେତୁ ଦ୍ୱାରା ପ୍ରଭାବିତ ହୁଅନ୍ତି, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଆହୁରି ଦୃଢ଼ ହୋଇଯାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏପରି କ୍ଷେତ୍ରରେ, ପରିବାର ପ୍ରାୟତଃ ନିଜ ଜାତି ମଧ୍ୟରେ ଏକ ମେଳ ଖୋଜନ୍ତି, କିନ୍ତୁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ସତ୍ତ୍ୱେ, ବିବାହ ଅସ୍ଥିର ରହିଥାଏ। ଜ୍ୟୋତିଷମାନେ ଏହାକୁ କୁଣ୍ଡଳୀ ସୂଚକକୁ ଅଣଦେଖା ବୋଲି ବିବେଚନା କରନ୍ତି। ସେମାନେ ଯୁକ୍ତି ଦିଅନ୍ତି ଯେ ଯେତେବେଳେ ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ସେତେବେଳେ ନିଜ ଜାତି ମଧ୍ୟରେ ମେଳ ଖୋଜିବା କେବଳ ସମୟ ନଷ୍ଟ କରେ ଏବଂ ବିବାହରେ ଅଯଥା ବିଳମ୍ବ କରେ। ଅନେକ କ୍ଷେତ୍ରରେ, ଯେତେବେଳେ ଏପରି ଜଣେ ଯୁବକ କିମ୍ବା ମହିଳା ଆନ୍ତଃଜାତି ବିବାହ ପାଇଁ ରାଜି ହୁଅନ୍ତି, ସେତେବେଳେ ବିବାହ ଶୀଘ୍ର ସ୍ଥିର ହୋଇଯାଏ। ଜ୍ୟୋତିଷମାନେ ଏହାକୁ ଅନେକ ଉଦାହରଣ ଦେଇ ବ୍ୟାଖ୍ୟା କରିଛନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ମେଷ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶୁକ୍ର ରାହୁ କିମ୍ବା ଶନିଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଅଧିକ ଥାଏ। ସେହିପରି, ସିଂହ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶନି ରାହୁ କିମ୍ବା କେତୁଙ୍କ ସହିତ ସମ୍ପର୍କରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ନିଜ ଜାତି ବାହାରେ ବିବାହର ସମ୍ଭାବନା ବୃଦ୍ଧି ପାଏ। ସେହିପରି, ମୀନ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ବୁଧ ଏକ ଦୃଢ଼ ସ୍ଥିତିରେ ଥାଆନ୍ତି, କିନ୍ତୁ ରାହୁ, ଶନି କିମ୍ବା କେତୁଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଏହାକୁ ମଧ୍ୟ ଆନ୍ତଃଜାତି ବିବାହର ଏକ ସ୍ପଷ୍ଟ ସଙ୍କେତ ବୋଲି ବିବେଚନା କରାଯାଏ। ଜ୍ୟୋତିଷମାନେ କୁହନ୍ତି ଯେ ଏହା କେବଳ ଏକ ସଂଯୋଗ ନୁହେଁ ବରଂ ଗ୍ରହମାନଙ୍କ ସ୍ଥିତି ଦ୍ୱାରା ଗଠିତ ଏକ ନିର୍ଦ୍ଦିଷ୍ଟ ମିଶ୍ରଣ। ଜ୍ୟୋତିଷ ବିଶେଷଜ୍ଞମାନେ ଏହା ମଧ୍ୟ କୁହନ୍ତି ଯେ ଯଦି କୁଣ୍ଡଳୀରେ ବିବାହ ଯୋଗ ଉପସ୍ଥିତି ସତ୍ତ୍ୱେ ବିବାହ ସମ୍ଭବ ନୁହେଁ, ତେବେ ଏହାର ଅର୍ଥ ନୁହେଁ ଯେ ବିବାହ ସମ୍ଭବ ନୁହେଁ। କେତେବେଳେ ରାଶିଫଳ କେବଳ ସେହି ଦିଗକୁ ସୂଚାଇଥାଏ ଯେଉଁ ଦିଗରେ ବିବାହ ସମ୍ଭବ ହେବ। ଯଦି ଜଣେ ବ୍ୟକ୍ତି ଏହି ଦିଗକୁ ବୁଝି ନିଷ୍ପତ୍ତି ନିଅନ୍ତି, ତେବେ ବିବାହରେ ବାଧା ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକ ସ୍ୱୟଂଚାଳିତ ଭାବରେ ଦୂର ହୋଇଯାଏ। ଏପରି କ୍ଷେତ୍ରରେ, ରାଶିଫଳକୁ ସଠିକ୍ ଭାବରେ ବୁଝିବା ଏବଂ ସେହି ଅନୁସାରେ ନିଷ୍ପତ୍ତି ନେବା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସମାଜ ଆନ୍ତଃଜାତି ବିବାହ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରଖିଥାଏ। ନୂତନ ପିଢ଼ି ଏହାକୁ ସାମାଜିକ ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ସହିତ ଯୋଡ଼ିଥାଏ, ତଥାପି ଅନେକ ପରିବାର ପାରମ୍ପରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତି। ତଥାପି, ଜ୍ୟୋତିଷ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଶିଫଳର ସଙ୍କେତକୁ ବୁଝିବା ଏବଂ ଏହା ଉପରେ ଆଧାରିତ ନିଷ୍ପତ୍ତି ନେବା ବୈବାହିକ ସମସ୍ୟାକୁ ଯଥେଷ୍ଟ ହ୍ରାସ କରିପାରିବ। ଜ୍ୟୋତିଷ ଶାସ୍ତ୍ରରେ, ରାହୁ ଏବଂ ଶନିଙ୍କୁ ପରିବର୍ତ୍ତନ ଏବଂ ଅପାରମ୍ପରିକ ଚିନ୍ତାଧାରାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଗ୍ରହଗୁଡ଼ିକର ପ୍ରଭାବ ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ଜୀବନରେ ହଠାତ୍ ପରିବର୍ତ୍ତନ ଆଣେ। ବିବାହ କ୍ଷେତ୍ରରେ, ଏହି ପ୍ରଭାବ ପ୍ରାୟତଃ ସାମାଜିକ ସୀମା ଭାଙ୍ଗିବା ଭାବରେ ପ୍ରକାଶ ପାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏପରି ଗ୍ରହ ମିଶ୍ରଣ ଥିବା ଲୋକମାନେ ପ୍ରାୟତଃ ନିଜ ଜୀବନସାଥୀ ନିଜେ ବାଛନ୍ତି, ଏବଂ ପ୍ରେମ ବିବାହ କିମ୍ବା ଆନ୍ତଃଜାତି ବିବାହ ପାରମ୍ପରିକ ସମ୍ପର୍କ ଅପେକ୍ଷା ଅଧିକ ସମ୍ଭାବନା ଅଧିକ। ଜ୍ୟୋତିଷମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଗ୍ରହମାନଙ୍କର ପ୍ରଭାବ ସହିତ ସାମାଜିକ ପରିବର୍ତ୍ତନ, ଆଧୁନିକ ସମୟରେ ଆନ୍ତଃଜାତି ବିବାହ ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇପାରେ। ଅନେକ କ୍ଷେତ୍ରରେ, ପରିବାର ଏବଂ ସମାଜର ବିରୋଧ ସତ୍ତ୍ୱେ ବିବାହ ସଫଳ ହୁଏ, ଯାହା ଜ୍ୟୋତିଷଶାସ୍ତ୍ର ଅନୁସାରେ ଗ୍ରହମାନଙ୍କର ଅନୁକୂଳ ପ୍ରଭାବକୁ ଦାୟୀ କରାଯାଇଛି। ତଥାପି, ବିଶେଷଜ୍ଞମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କେବଳ ଏକ କୁଣ୍ଡଳୀ ଉପରେ ବିବାହ ନିଷ୍ପତ୍ତି ଆଧାରିତ କରିବା ଉଚିତ ନୁହେଁ। ପରିବାରର ସମ୍ମତି, ସାମାଜିକ ବୁଝାମଣା ଏବଂ ବ୍ୟକ୍ତିଗତ ବିଚାର ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ତଥାପି, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ତେବେ ଏହାକୁ ଅଣଦେଖା କରିବା ବିଳମ୍ବ କିମ୍ବା ବାରମ୍ବାର ବିଫଳତା ଆଣିପାରେ। ଜ୍ୟୋତିଷଶାସ୍ତ୍ର ବିଶେଷଜ୍ଞମାନେ କୁହନ୍ତି ଯେ ଏକ କୁଣ୍ଡଳୀ ଜଣେ ବ୍ୟକ୍ତିଙ୍କ ଜୀବନର ଦିଗକୁ ସୂଚାଇଥାଏ, ଏବଂ ଯଦି ଏହାର ସୂଚକକୁ ସଠିକ୍ ଭାବରେ ବୁଝାଯାଏ, ତେବେ ଜୀବନ ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିବ। ବିବାହ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କୁଣ୍ଡଳୀର ଭୂମିକାକୁ ବୁଝିବା ପ୍ରାୟତଃ ସଠିକ୍ ଜୀବନସାଥୀ ବାଛିବାରେ ସହାୟକ ହୋଇଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚାଇଥାଏ, ତେବେ ପରିବାର ଏବଂ ବ୍ୟକ୍ତି ଉଭୟଙ୍କୁ ଖୋଲା ମନରେ ନିଷ୍ପତ୍ତି ନେବାକୁ ପଡିବ। ସେ କୁହନ୍ତି ଯେ କୁଣ୍ଡଳୀ ବିବାହକୁ ରୋକେ ନାହିଁ ବରଂ ସଠିକ୍ ପଥ ଦେଖାଏ, ଏବଂ ସେହି ପଥକୁ ବୁଝି ଆଗକୁ ବଢ଼ିବା ଦ୍ୱାରା, ବିବାହ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ସମ୍ଭବ ହୁଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ଜଙ୍ଗଲ ଆମ ଭବିଷ୍ୟତ



## କୈଳାସ ଚନ୍ଦ୍ର ନାୟକ

ଓଡ଼ିଆରେ ଉକ୍ତିଟିଏ ପ୍ରଚଳିତ ହୋଇ ଆସୁଛି - 'ଘରପୋଡ଼ିଗଲେ ବଣକୁ ଯିବା, ବଣ ପୋଡ଼ିଗଲେ କୁଆଡ଼େ ଯିବା ।' ଏହି ଉକ୍ତିଟି ପ୍ରତିପାଦନ କରୁଛିକି ଜଙ୍ଗଲ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଓ ନିର୍ଭରଶୀଳତା । ଜଙ୍ଗଲ ଆଖପାଖରେ ଥିବା ଗ୍ରାମ ମାନଙ୍କରେ ଲୋକମାନେ ଜଙ୍ଗଲକୁ ନିଜର ଦ୍ୱିତୀୟ ଘରର ମାନ୍ୟତା ଦେଇଥାନ୍ତି । ଜଣେ ଲୋକ ଓ ପରିବାର ପାଇଁ ଘର ଯେପରି ନିତ୍ୟାନ୍ତ ଦରକାର ଠିକ ସେମିତି ପୃଥିବୀମାସୀଙ୍କ ପାଇଁ ଜଙ୍ଗଲ ଅପରିହାର୍ଯ୍ୟ । ଆଜିର ଏ ଭବ୍ୟ ସମାଜକୁ ମଣିଷ ଗଢ଼ିଛି । କିନ୍ତୁ ଜଙ୍ଗଲକୁ ପ୍ରକୃତି ଗଢ଼ିଛି । ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ହେଉଛି ମଣିଷର । କିନ୍ତୁ ବିକାଶ ନାଆଁରେ ଆଜି ଜଙ୍ଗଲ ପରି ଅତ୍ୟନ୍ତ ଉପଯୋଗୀ ପ୍ରାକୃତିକ ସମ୍ବଳକୁ ଧ୍ୱଂସ କରିଦିଆଯାଉଛି । ଯାହାଫଳରେ ଜଳବାୟୁ ପରିବର୍ତ୍ତନ ପରି ସଂକଟଜନକ ପରିସ୍ଥିତି ଉପୁଜୁଛି । ଏହାକୁ ମୁକାବିଲା କରିବାକୁ ଜଙ୍ଗଲର ସଂରକ୍ଷଣ କରିବା, ବୃଦ୍ଧି କରିବା ନିମନ୍ତେ ସ୍ଥାନୀୟଠାରୁ ଆରମ୍ଭ କରି ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ଆଲୋଚନା, ପର୍ଯ୍ୟାଲୋଚନା ସହିତ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ସମୂହ ଗ୍ରହଣ କରାଯାଉଛି। ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ 'ଜନଜାଗୃତି ମଂଚ' ମୟୂରଭଂଜ ଓ 'ଆତ୍ମଶକ୍ତି' ଟ୍ରଷ୍ଟ ନୂଆଦିଲିଙ୍କ ମିଳିତ ପ୍ରୟାସରେ 'ପରମ୍ପରା ଗୌରବଯାତ୍ରା- ୨୦୨୫' ଆରମ୍ଭ କରାଯାଇଛି । ୨୦୨୫ ମସିହା ନଭେମ୍ବର ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୬ ମସିହା ଅପ୍ରେଲ ମାସ ପର୍ଯ୍ୟନ୍ତ ଚାଲୁ ରହିବ ।

ଏହି ଅଭିଯାନରେ ସାମିଲ ହୋଇଥିବା ସଂଗଠକ, ସ୍ୱେଚ୍ଛାସେବୀ, ସାମ୍ବାଦିକ, ଜନସାଥି, ଉର୍ମି କର୍ମି, ଗ୍ରାମକମିଟିର ସଭ୍ୟସଭ୍ୟା, ପଂଚାୟତ ପ୍ରତିନିଧି, ଶିକ୍ଷାବିତ, ପରିବେଶବିତ ମାନେ ଗ୍ରାମମାନଙ୍କୁ ଯାଇ ଲୋକମାନଙ୍କୁ ଜଙ୍ଗଲ ସଂରକ୍ଷଣ ଉପରେ ସଚେତନତା କରାଉଛନ୍ତି । ଏହି ଅଭିଯାନରେ ୧୦ଟି ବିଷୟ ସ୍ଥାନିତ ହୋଇଛି । ସେଗୁଡ଼ିକ ହେଉଛି ଆସ ଆମେ ଜଙ୍ଗଲ ଯିବା ଆମ ପାରମ୍ପାରିକ ଖେଳ, ଆମ ପାରମ୍ପାରିକ ଖାଦ୍ୟ, ଗୋଷ୍ଠୀ ଭିତିକ ଜଣା ଅଜଣା, ଜଳବାୟୁ ପରିବର୍ତ୍ତନ ଓ ଆମଚାଷ, ସାମାଜିକ ପରିବର୍ତ୍ତନର ମାଧ୍ୟମ ସମୂହ, ପାରମ୍ପରିକ ବିହନ, ବୟସ୍କଙ୍କ ବାର୍ତ୍ତା, ବିକଶିତ ଭାରତ, ସ୍ଥାନୀୟ ସମ୍ବଳ ଓ ଯୁବ ଉଦ୍ୟୋଗୀ। ଶେଷ ଦୁଇ ଶୀର୍ଷକକୁ ନେଇ ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ଆଲୋଚନାଚକ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଇତି ମଧ୍ୟରେ ମୟୂରଭ ଜିଲ୍ଲାର ୧୩ଟି ବ୍ଲକର ୩୨ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୯୪ଟି ଗ୍ରାମରେ ତଥା ୧୭ଟି ହାଇସ୍କୁଲ ଓ ଗୋଟିଏ ଡ଼ିଗ୍ରି କଲେଜରେ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ମୋ ସ୍ୱପ୍ନର ଗାଁ, ମୋ ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟା, ଆଦିବାସୀ ଯୁବ ଉଦ୍ୟୋଗୀ, ମୋ ଜନଜାତି ପାଇଁ ମୋ ସ୍ୱପ୍ନ, ଜଙ୍ଗଲ ଆମ ଭବିଷ୍ୟତ, ମୋ ଦୃଷ୍ଟିରେ ପାରମ୍ପରିକ ବିହନ ଆଦି ୬ଟି ଶୀର୍ଷକକୁ ଭିତି କରି ଛାତ୍ର ଛାତ୍ରୀଙ୍କ ମଧ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ଏଥିରୁ ଗୋଟି କଥା ଲକ୍ଷ କରାଯାଉଛି କି ଏହି ଅଭିଯାନର କାର୍ଯ୍ୟସୂଚୀ ଗୁଡ଼ିକ ଜନସାଧାରଣଙ୍କ ଉପରେ ଗଭୀର ପ୍ରଭାବ ପକାଉଛି । ମୟୂରଭଂଜ ଜିଲ୍ଲାର ଉଦଳା ବ୍ଲକସ୍ଥିତ ନୂଆଗାଁ ଗ୍ରାମପଂଚାୟତର ଫୁଲବାଡ଼ିଆ ଗ୍ରାମରେ 'ଜଙ୍ଗଲଚାଲ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଗ୍ରାମ ଓ ଏହାର ଆଖପାଖ ଗ୍ରାମରୁ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ସାମିଲ ହୋଇଥିଲେ । ପ୍ରଥମେ ଏକ ସଚେତନତା ସଭା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଓଡ଼ିଶର ଭୌଗଳିକ ସ୍ଥିତି, ଓଡ଼ିଶାର ଜଙ୍ଗଲ ଅଂଚଳ, 'ଶିମିଳିପାଳ ଜାତୀୟ ଉଦ୍ୟାନ' ବିଷୟରେ ଆଲୋଚନା କରାଯାଇଥିଲା । ଓଡ଼ିଶାର ସମୁଦାୟ ଭୌଗଳିକ ପରିସୀମା ୧୫୫୭୦୭ ବର୍ଗକିମି ହୋଇଥିବା ବେଳେ ସେଥିମଧ୍ୟରୁ ୫୨୪୩୩.୫୬ ବର୍ଗକିମି ହେଉଛି ଜଙ୍ଗଲ । ମୟୂରଭଂଜ ଜିଲ୍ଲାର ସମୁଦାୟ କ୍ଷେତ୍ରଫଳ ହେଉଛି ୧୦୪୧୮ ବର୍ଗ କିମି । ସେଥିମଧ୍ୟରୁ ଶିମିଳିପାଳ ଜାତୀୟ ଉଦ୍ୟାନ ହେଉଛି ୨୭୫୦ ବର୍ଗ କିମି । ଶିମିଳିପାଳ କେବଳ ମୟୂରଭଂଜ ଜିଲ୍ଲା କିମ୍ବା ଓଡ଼ିଶା ରାଜ୍ୟରେ ନୁହେଁ ସମଗ୍ର ଭାରତବର୍ଷର ଜୈବ ବିବିଧତା ନିମନ୍ତେ ଖ୍ୟାତି ଅର୍ଜନ କରିଛି । ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ ଓ ଛତିଶଗଡ଼ ରାଜ୍ୟର ଜଳବାୟୁ ସନ୍ତୁଳନ ଓ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏଠାରେ ୨୨ ପ୍ରକାରର ଫଳ, ୨୦ ପ୍ରକାରର କନ୍ଦା ଓ ଆଳୁ, ୧୭ ପ୍ରକାରର ଛତୁ, ୧୨ ପ୍ରକାରର ଶାଗ, ୧୦ ପ୍ରକାରର କୋଳି ଯଥା- ଭୁରୁଡୁ, ବଇଁଚ, ଅଙ୍କ, ନୁଣିଆଣି, ଜାମୁ, ଚାର ଆଦି ମିଳିଥାଏ। ଏହାର ଚର୍ତୁପାର୍ଶ୍ୱରେ ଥିବା କପ୍ତିପଦା, ଉଦଳା, ଖୁଂଟା, ଶାମାଖୁଂଟା, କୁଳିଅଣା, ବାଙ୍ଗିରିପୋଷି, ବିଶୋଇ, ଯଶିପୁର, କରଂଜିଆ ଓ ଠାକୁରମୁଣ୍ଡା ଆଦି ୧୦ଟି ବ୍ଲକର ୬୦ରୁ ଉର୍ଦ୍ଧ୍ୱ ଗ୍ରାମପଂଚାୟତର ଜନସାଧାରଣ ସେମାନଙ୍କ ଜୀବନଜିବିକା ନିମନ୍ତେ ଶିମିଳିପାଳ ଉପରେ ନିର୍ଭରଶୀଳ। ଏଠାରେ ୧୦୭୬ ପ୍ରକାରର ବୃକ୍ଷଲତା, ୯୪ ପ୍ରକାରର ଆର୍କିଡ଼(ଫୁଲପ୍ରଜାତିର), ୬୦୪ ପ୍ରକାରର ଔଷଧିୟ ବୃକ୍ଷ, ୫୫ ପ୍ରଜାତିର ସ୍ତନ୍ୟପ୍ରାୟୀ, ୩୦୪ ପ୍ରକାରର ଦେଶୀ ଓ ବିଦେଶୀ ପକ୍ଷୀ, ୬୨ ପ୍ରଜାତିର ସରିସୃପ ଦେଖାଯାଇଥାନ୍ତି । ବୁଢ଼ାବଳଙ୍ଗ, ସାଳନ୍ଦୀ, ରାଳ, ଗଙ୍ଗାହାର, ଚମ୍ପା, ଖଇରୀ, ଭଣ୍ଡାନ ପରି ୧୦/୧୨ ଛୋଟ ଓ ବଡ଼ନଦୀ ବାହାରିଛି ଶିମିଳିପାଳରୁ ।

ଶିମିଳିପାଳ ହେଉଛି ଏକାଧାରରେ 'ଜୈବ ମଣ୍ଡଳ', 'ଜାତୀୟ ଉଦ୍ୟାନ', 'ଅଭୟାରଣ୍ୟ', 'ଜାତୀୟ ବ୍ୟାଘ୍ର ପ୍ରକଳ୍ପ', 'ଜାତୀୟ ହସ୍ତୀ ପ୍ରକଳ୍ପ' ଓ ଏଥିସହିତ ଏହାର ସନ୍ନିକଟ ଯଶିପୁରରେ ଖଇରି ଭଣ୍ଡନ ନଦୀ ଶଯ୍ୟାରେ ରହିଛି 'ମଗର କୁମ୍ଭୀର' ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ରହିଛି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ବିଶ୍ୱ ଐତିହ୍ୟର ମାନ୍ୟତା ପାଇବାକୁ ହକଦାର। ଆମେ ଯେଉଁମାନେ ଏହାର ପାରିପାର୍ଶ୍ୱିକ ଅଂଚଳରେ ବସବାସ କରୁଛନ୍ତି ଏହାର ସଂରକ୍ଷଣ ଓ ସମୃଦ୍ଧିରେ ଆମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଅଂଚଳରେ ବସବାସ କରୁଥିବା ଆଦିମ ଜନଜାତି ଲୋଧା, ହିଲ ଖଡ଼ିଆ, ମାଙ୍କିଡ଼ିଆ ମାନେ ସେମାନଙ୍କ ଜୀବନ ଜୀବିକା ନିମନ୍ତେ ଶିମିଳିପାଳ ଉପରେ ନିର୍ଭରଶୀଳ । ଏହାର ପରିବେଶ ସନ୍ତୁଳନରେ ବ୍ୟତିକ୍ରମ ହେଲେ କିମ୍ବା ଏହାର ଅବକ୍ଷୟ ସ୍ଥାନୀୟ ଜଳବାୟୁ ଉପରେ ସିଧା ସଳଖ କୁପ୍ରଭାବ ପକାଇବ । ତେଣୁ ଏହା ଉପରେ ସମସ୍ତଙ୍କୁ ସଚେତନ କରାଯାଉଛି । ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ୩ଜଣ ବଇଦ ସେମାନଙ୍କର ଅନୁଭୂତି କହିଥିଲେ । ଏହାପରେ ଏହି ତିନିଜଣ ବଇଦଙ୍କ ନେତୃତ୍ୱରେ ତିନୋଟି ଦଳ ଗଠନ କରାଯାଇଥିଲା । ଗ୍ରାମ ନିକଟରେ ଥିବା 'ସିନ୍ଦୁରଗୌର' ଜଙ୍ଗଲକୁ ଚେରମୂଳି ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ କରିବାକୁ ଗ୍ରାମବାସୀ ମାନେ ଯାଇଥିଲେ । ବଇଦ ମାନେ ବିଭିନ୍ନ ଔଷଧୀୟ ଗଛର ମୂଳ, ପତ୍ର, ଛାଲି, ଫଳ, ଫୁଲ, କନ୍ଦାରେ ରହିଥିବା ରୋଗଉପସମକାରୀ ଗୁଣ ବିଷୟରେ ଲୋକ ମାନଙ୍କୁ ବୁଝାଇଥିଲେ । ଏହିକ୍ରମରେ ୯୬ଟି ପ୍ରଜାତି ଚିହ୍ନଟ ହେବା ସହିତ ଏହାର ଯତ୍ନ ନେବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଗ୍ରାମବାସୀ ମାନେ ଜଙ୍ଗଲ ସୁରକ୍ଷା କରିବାକୁ ଶପଥପାଠ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ କି ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ରଭଂଜ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଗବେଷଣାରୁ ଜଣାଯାଇଛି କି ଶିମିଳିପାଳରୁ ଲାଇକେନର ସନ୍ଧାନ ମିଳିଛି। ଏହି ପ୍ରଜାତିର ୧୪୮ ପ୍ରକାରର 'ଲାଇକେନ' ରହିଛି ସେଥିମଧ୍ୟରୁ 'ଫିସିଲିଆ ମେଲାନକ୍ରମା' ତଥା ଓଡ଼ିଶାର ପ୍ରଥମ କରି 'କ୍ଲୋଡ଼ନିଆ ପ୍ରୋଟିକଲୋଜା' ପ୍ରଜାତି ଏଠାରୁ ଚିହ୍ନଟ ହେବା ସହିତ ସଂଗୃହୀତ ହୋଇ ବିଶ୍ୱବିଦ୍ୟାଳୟ ଗବେଷଣାଗାରରେ ରଖାଯାଇଛି। ଏହି ଦୁଇ ପ୍ରଜାତି ହେଉଛି ଏକପ୍ରକାର 'କବକ' ଓ 'ଶୈବାଳ' ଯାହା ଏଠାକାର ଗଛର ଛାଲ, ମାଟି, ପଥରର ଉପରିଭାଗରେ ବଢ଼ିଥାନ୍ତି । ଏଗୁଡ଼ିକ କଠିନ ପରିସ୍ଥିତିରେ ନିଜକୁ ବଂଚାଇବା ସହିତ ଏକପ୍ରକାରର ରକ୍ଷାତ୍ମକ ରାସାୟନିକ ଦ୍ରବ୍ୟ ତିଆରି କରିଥାନ୍ତି । ଯାହା କ୍ୟାନସର ଓ ଡ଼ାଇବେଟିସ ପରି ମାରାତ୍ମକ ରୋଗ ଉପସମ କରିବାରେ ସହାୟକ ହୋଇପାରିବ । ଏହି ଗବେଷଣା କାର୍ଯ୍ୟରେ ଲକ୍ଷ୍ନୌସ୍ଥିତ 'ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ' ପ୍ରତ୍ୟକ୍ଷ ଭାବରେ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରୁଅଛି । ଜଙ୍ଗଲରେ ନିଆଁ ଲାଗିଲେ ଏହି ପ୍ରଜାତି ସମୂଳେ ଧ୍ୱଂସ ପାଇଯିବ । ତେଣୁ ଜଙ୍ଗଲ ନିଆଁକୁ ରୋକିବା ସମସ୍ତଙ୍କର ପ୍ରାଥମିକ ଧେୟ ହେବା ଉଚିତ । ଆସନ୍ତୁ ଆମେ ଶପଥ ନେବା ଜଳବାୟୁ ପରିବର୍ତ୍ତନ ଜନିତ ସଂକଟକୁ ପ୍ରତିହତ କରିବା ନିମନ୍ତେ ମିଳିତ ଭାବରେ 'ଶିମିଳିପାଳ ଜୈବ ବିବିଧତତା'କୁ ସୁରକ୍ଷିତ ରଖିବା ତାହାହେଲେ ପରମ୍ପରା ଗୌରବ ଅଭିଯାନର ଉଦ୍ଦେଶ୍ୟ ସଫଳ ହୋଇପାରିବ ।

+ଜନଜାଗୃତି ମଂଚ, ଉଦଳା,
ମୟୂରଭ
ମୋ-୯୪୩୮୪୩୮୪୯୭




# ଅଭିମାନ

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ସବୁକିଛି ତୁମେ
ଅଯାଚିତ ଦେଇଥାଅ
ମନ ଭରିବା ଆଗରୁ
ଆଶା ପୂରିବା ପୂର୍ବରୁ
ପୁଣି ତୁମେ ସେସବୁ ଛଡ଼ାଇ ନିଅ
ଯେବେ ନେବାର ଥାଏ ତେବେ
ଦେଉଥାଅ କାହିଁକି ?

ଅବଶ୍ୟ ତୁମେ ଯେବେ ଦେଉଥାଅ
ଗ୍ରହଣ କରିବାରେ ମୁଁ କୁଣ୍ଠିତ ହୋଇ ନାହିଁ
କିବା ତୁମର ଦାନ ପାଇଁ
କୃତଜ୍ଞତା ପ୍ରକାଶ କରିନାହିଁ
ସବୁ ମୋର ପ୍ରାପ୍ୟ ନ୍ୟାଯ୍ୟ
ଅଧିକାର ମନେକରି
କେବେ ବଶମ୍ୱଦ ହୋଇ ନାହିଁ ।

ଯେବେ ହରାଇବାର ସମୟ ଆସେ
ମୁଁ ତୁମକୁ ପ୍ରଶ୍ନ କରି ବସେ
ତୁମ ନିର୍ଦ୍ଦୟତା ପାଇଁ ତୁମକୁ ଝିଙ୍ଗାସେ
ଅଭିମାନ କରେ ତୁମ
ନିଷ୍ଠୁର ନିଷ୍ପତିକୁ ନେଇ ।

ଏକଥା ମୁଁ ଜାଣେ ବଶମ୍ୱଦ
ହେବାରେ କି
ପ୍ରତିବାଦ କରିବାରେ ତୁମକୁ କିଛି
ଫରକ୍ ପଡ଼େ ନାହିଁ କାରଣ
ତୁମେ ନିରବ ନିଶ୍ଚଳ ନିର୍ବିକାର
ମୁଁ ନିସ୍ପନ୍ଦ ନିର୍ବଳ ନିଥର
କେବଳ ନିଜକୁ ଆଶ୍ୱାସନା ଦିଏ
ସବୁଯାକ କର୍ମଫଳ ମୋ ପ୍ରାରବ୍ଧର ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ: ୯୯୬୮୨୮୦୮୯୬

# ଭାଗ୍ୟ ଲକ୍ଷ୍ମୀ

## ପ୍ରଶାନ୍ତ ବ୍ରହ୍ମା

ଦୁହିତା ଅଟଇ ଦୁଇ କୁଳ ହିତା
ରତ୍ନ ମଧ୍ୟେ କନ୍ୟା ରତ୍ନ
ଭାଗ୍ୟବତୀ ହେଲେ ସଦା ରଖିଥାଏ
ପିତା ମାତାଙ୍କର ଯତ୍ନ।

ସ୍ୱୟଂ ସମ୍ପୂର୍ଣ୍ଣା ସେ ସ୍ୱ ଚରିତ୍ରରେ
ସଂସ୍କାରିତ ସବୁ ଗୁଣେ
ପ୍ରକୃତି ସ୍ୱରୂପା ସୃଷ୍ଟିର ଆଧାର
ସର୍ଜନର ଉତ୍ସ ପଣେ ।।

କନ୍ୟାରୁ ହୁଅଇ ବଧୂ ଜାୟା ମାତା
ତ୍ରିଗୁଣର ସେ ତ୍ରିବେଣୀ
ନାରୀ ବିନା ନୁହେଁ ସୃଷ୍ଟିର ସମ୍ଭବ
ସେହି ପରା ନାରାୟଣୀ।

ବାପଘରେ ଝିଅ ଶାଶୁ ଘରେ ବୋହୂ
ଲକ୍ଷ୍ମୀ ଅଷ୍ଟ ଐଶ୍ୱର୍ଯ୍ୟର
ସପ୍ତପଦେ ବନ୍ଧା ବୈଦିକ ରୀତିରେ
ଉତ୍ତମ ଦାମ୍ପତ୍ୟ ତାର।

କନ୍ୟା ଭ୍ରୂଣ ହତ୍ୟା କଳଙ୍କ ପସରା
ସମାଜରେ ନିନ୍ଦନୀୟ
କନ୍ୟା ପୁତ୍ର ମଧ୍ୟେ ପ୍ରଭେଦ ରଖିଲେ
ସଂସାରଟା ବିଷମୟ।

ସଂସ୍କୃତିରେ କନ୍ୟାଦେବୀରମାନ୍ୟତା
ପାଇଛି ଶାସ୍ତ୍ର ପୁରାଣେ
ସ୍ୱୟଂ ସମ୍ପୂର୍ଣ୍ଣା ସେ ସ୍ୱ ଚରିତ୍ରରେ
ସଂସ୍କାରିତ ସବୁ ଗୁଣେ।

+ପଳାଶପୁର, ଖୋର୍ଦ୍ଧା।

# ସଲମାନଙ୍କ ସହ ପ୍ରଥମ ଚଳଚ୍ଚିତ୍ର



ନିକଟରେ ଅଭିନେତା ସଲମାନ ଖାଁ ତାଙ୍କର ପରବର୍ତ୍ତୀ ସିନେମା ସମ୍ପର୍କରେ ଘୋଷଣା କରି ପ୍ରଶଂସକମାନଙ୍କୁ ଚମକାଇ ଦେଇଥିଲେ। ଦକ୍ଷିଣ ଭାରତୀୟ ସିନେ ନିର୍ଦ୍ଦେଶକ ବାମଶୀ ପେଡ଼ିପଲ୍ଲୀ ଏହି ସିନେମାର ନିର୍ଦ୍ଦେଶନା ଦେବେ ଏବଂ ଦିଲ୍ ରାଜୁ ଏହାର ପ୍ରଯୋଜନା କରିବେ ବୋଲି ସେହି ଘୋଷଣାରୁ ଜଣାପଡ଼ିଥିଲା। ଏବେ ପୁଣି ଘୋଷଣା ହୋଇଛି ଯେ, ଏହି ଚଳଚ୍ଚିତ୍ରରେ ଦକ୍ଷିଣ ଭାରତୀୟ ତାରକା ନୟନତାରା ନାୟିକା ହେବେ। ଏହି ଆକ୍ସନପୂର୍ଣ୍ଣ ଚଳଚ୍ଚିତ୍ରର ଅସ୍ଥାୟୀ ଶୀର୍ଷକ ରଖାଯାଇଛି 'ଏସ୍‌ଭିସି୬୩'। ଏହି କାହାଣୀରେ ନୟନତାରାଙ୍କ ଚରିତ୍ରର ନିର୍ଣ୍ଣାୟକ ଭୂମିକା ରହିଛି। ଏହି ମାସ ହିଁ ଏହାର ସୁଟିଂ ଆରମ୍ଭ ହେବ। ଏଥିରେ ଅନିଲ କପୁର ଓ ଅରବିନ୍ଦ ସ୍ୱାମୀଙ୍କ ପରି ଲୋକପ୍ରିୟ ଅଭିନେତା ମଧ୍ୟ ଅଭିନୟ କରିବେ ବୋଲି ଶୁଣିବାକୁ ମିଳୁଛି। ନୟନତାରା ମୂଳତଃ ତାମିଲ ଓ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରିଆସୁଛନ୍ତି। ବହୁତ ଭାବିଚିନ୍ତି ଚଳଚ୍ଚିତ୍ର ବାଛୁଥିବା ଅଭିନେତ୍ରୀ ଭାବରେ ସେ ଜଣାଶୁଣା। ସ୍ମରଣଯୋଗ୍ୟ ଯେ, ନୟନତାରାଙ୍କ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଥିଲା ଯବାନ (୨୦୨୩)। ସେଥିରେ ସେ କିଙ୍ଗ୍ ଖାନ୍ ଶାହରୁଖଙ୍କ ନାୟିକା ସାଜିଥିଲେ। 'ଏସ୍‌ଭିସି୬୩' ସଲମାନଙ୍କ ସହିତ ତାଙ୍କର ପ୍ରଥମ ଏବଂ ହିନ୍ଦୀ ଭାଷାର ଦ୍ୱିତୀୟ ଚଳଚ୍ଚିତ୍ର। ୨୦୨୭ରେ ଏହାକୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରଖାଯାଇଛି। ତେବେ ଆଗକୁ ନୟନତାରାଙ୍କ 'ଟକ୍ସିକ୍: ଏ ଫେରିଟେଲ୍ ଫର ଗ୍ରୋନ୍-ଅପ୍‌ସ' ମୁକ୍ତିଲାଭ କରିବାର ଅଛି।

# ଯୌନ ନିର୍ଯାତନା ମାମଲାରେ ଜେଲ୍ ଗଲେ ସାଉଥ୍ ଇଣ୍ଡିଆନ୍ ନିର୍ଦ୍ଦେଶକ



ହରଡ ଘଣାରେ ପ୍ରଖ୍ୟାତ ମାଲାୟଲମ ଚଳଚ୍ଚିତ୍ର ନିର୍ଦ୍ଦେଶକ ରଞ୍ଜିତ। ତାଙ୍କୁ ଯୌନ ନିର୍ଯାତନା ମାମଲାରେ ଗିରଫ କରାଯାଇଛି। ବୁଧବାର କୋଚି କୋର୍ଟ ତାଙ୍କୁ ୧୪ ଦିନର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଇଡୁକ୍କି ଜିଲ୍ଲାରେ ରଞ୍ଜିତଙ୍କୁ ଅଟକ ରଖିଥିଲା। ତାଙ୍କୁ ପ୍ରଥମେ ଥୋଡୁପୁଝା ପୋଲିସ ଷ୍ଟେସନକୁ ନିଆଯାଇଥିଲା ଏବଂ ପରେ କୋଚି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ, ତାଙ୍କୁ ବୁଧବାର ଦିନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଯେଉଁଠାରେ କୋର୍ଟ ତାଙ୍କୁ ୧୪ ଦିନର ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି। ଜଣେ ମହିଳା ଅଭିନେତ୍ରୀ ପୋଲିସରେ ଅଭିଯୋଗ ଦାଖଲ କରିଥିଲେ ଯେ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ନିର୍ଦ୍ଦେଶକ ରଞ୍ଜିତ ତାଙ୍କ ସୁଟିଂ ସମୟରେ ଯୌନ ନିର୍ଯାତନା ଦେବାକୁ ଚେଷ୍ଟା କରିଥିଲେ। ଅଭିଯୋଗ ଅନୁଯାୟୀ, ରଞ୍ଜିତ ସୁଟିଂ ସମୟରେ ଅଭିନେତ୍ରୀଙ୍କୁ ତାଙ୍କ କାରାଭାଁକୁ ନିମନ୍ତ୍ରଣ କରିଥିଲେ। ସେଠାରେ ସେ ତାଙ୍କ ସହିତ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ, ପୀଡିତା ଅଭିନେତ୍ରୀ ପୋଲିସ ଅଭିଯୋଗ କରିବା ପୂର୍ବରୁ ଆନୁଷ୍ଠାନିକ ଭାବରେ ଫିଲ୍ମର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ସମୀକ୍ଷା କରିବା ପରେ, କମିଟି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲାଟିକୁ କେରଳ ପୋଲିସକୁ ପଠାଇଥିଲା। ଅଧିକାରୀମାନେ କହିଛନ୍ତି ଯେ ଅଭିଯୋଗ ସହିତ ଜଡିତ ସମ୍ବେଦନଶୀଳ ସୂଚନା ଗୋପନୀୟ ରହିବା ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରାରମ୍ଭିକ ତଦନ୍ତ ଅତ୍ୟନ୍ତ ଗୋପନୀୟତାର ସହିତ କରାଯାଇଥିଲା। ରଞ୍ଜିତଙ୍କ ଉପରେ ପୂର୍ବରୁ ମଧ୍ୟ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ୨୦୨୪ ମସିହାରେ ଜଣେ ବଙ୍ଗୀୟ ଅଭିନେତ୍ରୀ ଅଭିଯୋଗ କରିଥିଲେ ଯେ ସେ ୨୦୦୯ ମସିହାରେ 'ପାଲେରି ମାଣିକ୍ୟମ୍' ଚଳଚ୍ଚିତ୍ରର ସୁଟିଂ ସମୟରେ ରଞ୍ଜିତ ତାଙ୍କ ସହିତ ଅସଦାଚରଣ କରିଥିଲେ। ସେତେବେଳେ କେରଳ ହାଇକୋର୍ଟ ରଞ୍ଜିତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ମାଲାୟଲମ ଚଳଚ୍ଚିତ୍ର ଶିଳ୍ପରେ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ଜଷ୍ଟିସ୍ କେ. ହେମା କମିଟିର ରିପୋର୍ଟ ପରେ ରଞ୍ଜିତଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆସିଥିଲା।

# ଶବାନା ଭକ୍ତ ଦୀୟା

ଅଭିନେତ୍ରୀ ଦୀୟା ମିର୍ଜା ନିକଟରେ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି ଯେ କଳାକାରମାନେ ମୁଖର ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମୁଖରତା ପାଇଁ ଭାରତର ଅନ୍ୟତମ ଶ୍ରେଷ୍ଠ ଅଭିନେତ୍ରୀ ଶବାନା ଆଜମୀଙ୍କର ସେ ବଡ଼ ଭକ୍ତ ବୋଲି ମଧ୍ୟ ପ୍ରକାଶ କରିଛନ୍ତି। "କଳାକୁ ଯଦି ଅନ୍ୟମାନଙ୍କ ଜୀବନରେ ଉନ୍ନତି



ଆଣିବା ପାଇଁ ଉପଯୋଗ ନ କରାଯାଏ ତେବେ ସେ କଳାର ମୂଲ୍ୟ କ'ଣ''- ଶବାନାଙ୍କ ଏହି ବାର୍ତ୍ତାକୁ ଦୀୟା ଅନୁସରଣ କରନ୍ତି। ତେଣୁ ସେ ନିଜର ରାଜନୈତିକ ମତ ଓ ଆଦର୍ଶକୁ ପ୍ରକାଶ କରିବାରେ ସଂକୋଚ କରନ୍ତି ନାହିଁ। ବର୍ତ୍ତମାନର ସବୁଠାରୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ଧୁରନ୍ଧର' ସହିତ ତାଙ୍କ ଅଭିନୀତ ୱେବ୍ ସିରିଜ୍ 'ଆଇସି ୮୧୪: ଦି କାନ୍ଦାହାର ହାଇଜାକ'ର ତୁଳନା କରିବା ଅବସରରେ ଦୀୟା ଏହି କଥା କହିଛନ୍ତି। ୨୦୨୪ ମସିହାର ତାଙ୍କର ସେହି ଧାରାବାହିକକୁ ସେ ସମୟରେ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା, କାରଣ ଏଥିରେ ଆତଙ୍କବାଦୀଙ୍କ ଠାରେ ମଧ୍ୟ ମାନବିକତା ଥିବା ଭଳି କଥା ଦେଖାଯାଇଛି। କିନ୍ତୁ ଦୀୟା କହିଛନ୍ତି ଯେ ଏଭଳି ସମାଲୋଚନା ପଛର କାରଣ ଉଗ୍ର ଦେଶପ୍ରେମ ଏବଂ ଏବେ ଉଗ୍ର ଦେଶପ୍ରେମକୁ ଉପଭୋଗ ଓ ଉତ୍ସବାୟିତ କରିବାର ଟ୍ରେଣ୍ଡ୍ ଚାଲିଛି। ତାଙ୍କ ୱେବ୍ ସିରିଜ୍‌ରେ ସେଭଳି ଉପାଦାନ ନଥିଲା, ବରଂ ଏହା ୧୯୯୯ର ଏଆର ଇଣ୍ଡିଆ ବିମାନ ଅପହରଣର ଘଟଣାବଳୀକୁ ସତ୍ୟନିଷ୍ଠ ଭାବେ ଦେଖାଇଥିଲା, ଯେଉଁଥିରୁ ଦର୍ଶକ ଉଭୟ ପାର୍ଶ୍ୱର କାହାଣୀ ଜାଣିପାରିବେ ବୋଲି ଦୀୟାଙ୍କର ଯୁକ୍ତି।

# ବିରକ୍ତ କରୁଛି ଡେଟିଂ ଗୁଜବ



ଅଭିନେତ୍ରୀ ତଥା ଉଦ୍ୟୋଗୀ ମଲାଇକା ଅରୋଡ଼ାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ନିୟମିତ ବ୍ୟବଧାନରେ ଚର୍ଚ୍ଚା ଶୁଣିବାକୁ ମିଳେ। ସେ ପୂର୍ବତନ ପ୍ରେମିକ ଅର୍ଜୁନ କପୁର ହୁଅନ୍ତୁ ବା ନିକଟରେ ଅନ୍ୟ ଜଣେ ରହସ୍ୟମୟ ଯୁବକଙ୍କ ସହିତ ତାଙ୍କ ସମ୍ପର୍କ ହେଉ, ପ୍ରଶଂସକମାନେ ତାଙ୍କ ପ୍ରେମ ଜୀବନ ବିଷୟରେ ଜାଣିବାକୁ ସବୁବେଳେ ଉତ୍ସୁକ। କିଛି ଦିନ ତଳେ 'ସ୍ପ୍ଲିଟ୍‌ସଭିଲ୍ଲା' ତାରକା ସୋରବ ବେଦୀଙ୍କ ସହିତ ସେ ଡେଟିଂ କରୁଛନ୍ତି ବୋଲି ଗୁଜବ ଉଡୁଥିଲା। ମଲାଇକା ନିଜେ ଏ ସମ୍ପର୍କରେ କ୍ୱଚିତ୍ ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏବେ କିନ୍ତୁ ସେ ଏକ ସାକ୍ଷାତ୍‌କାରରେ ମନ କଥା ଖୋଲି କହିଛନ୍ତି ଯେ ଏସବୁ ଗୁଜବ ବିରକ୍ତିକର। ଏଭଳି ଚର୍ଚ୍ଚାକୁ ସେ ଥଟ୍ଟାମଜା ଭାବେ ଗ୍ରହଣ କରିବା ଶିଖିଯାଇଛନ୍ତି। ଏଭଳି ଆଲୋଚନାକୁ ନେଇ ପୁଅ ଅରହାନଙ୍କ ସହିତ ମଜା କରନ୍ତି। ବାସ୍ତବରେ ମଲାଇକା ଆଜିକାଲି ଅନ୍ୟ ଜିନିଷରେ ବ୍ୟସ୍ତ ରହୁଛନ୍ତି। ଜଣେ ସ୍ୱାଧୀନ ମହିଳା ଭାବେ ନିଜ ଜୀବନକୁ ସଜାଡ଼ିବାରେ ତାଙ୍କୁ ଆତ୍ମସନ୍ତୋଷ ମିଳୁଛି। ସେ ସ୍ୱୀକାର କରିଛନ୍ତି ଯେ ଜଣେ ସାଥୀ ଥିଲେ ଜୀବନ ସୁନ୍ଦର ଲାଗେ, କିନ୍ତୁ ସେ ଏବେ ସାଥୀ ସନ୍ଧାନରେ ନାହାନ୍ତି। ନିଜ ଗୋଡ଼ରେ ଛିଡ଼ା ହୋଇଥିବା ଜଣେ ମହିଳା ହୋଇଥିବାରୁ ଗର୍ବିତ ଏବଂ ସଂପୂର୍ଣ୍ଣତା ଅନୁଭବ କରିବା ପାଇଁ ଜଣେ ପୁରୁଷ ତାଙ୍କୁ ଦରକାର ନାହିଁ ବୋଲି ସେ କହିଛନ୍ତି। ମଲାଇକା ୨୦୧୭ରେ ଅଭିନେତା ଅରବାଜ ଖାଁଙ୍କୁ ଛାଡ଼ପତ୍ର ଦେବା ପରେ ଅର୍ଜୁନ କପୁରଙ୍କ ସହିତ ଦୀର୍ଘ କାଳ ସମ୍ପର୍କରେ ଥିଲେ। ୨୦୨୪ରେ ଅର୍ଜୁନଙ୍କ ସହ ମଧ୍ୟ ତାଙ୍କର ସମ୍ପର୍କ ଛିନ୍ନ ହୋଇଗଲା। ସେବେଠାରୁ ମଲାଇକା ଏକାକୀ ପୁଅ ଅରହାନର ଲାଳନପାଳନ କରୁଛନ୍ତି।

# ହଜାରେ କୋଟିର ଚାରିଟି ଚଳଚ୍ଚିତ୍ର



ବକ୍ସ ଅଫିସରେ ୧୦୦୦ କୋଟି ଟଙ୍କା ଆୟ କରିବା ଯେକୌଣସି ବଲିଉଡ୍ ଅଭିନେତାଙ୍କ ପାଇଁ ଏକ ବିରଳ ସଫଳତା। ରଣବୀର ସିଂହଙ୍କ 'ଧୁରନ୍ଧର' ଚଳଚ୍ଚିତ୍ର ଗତ ବର୍ଷ ୧୨୦୦ କୋଟି ଟଙ୍କା ଆୟ କରିଥିବା ବେଳେ ଏ ବର୍ଷ 'ଧୁରନ୍ଧର ୨' ମାତ୍ର ନଅ ଦିନରେ ୧୦୦୦ କୋଟି ଟଙ୍କାର ମାଇଲଖୁଣ୍ଟ ଅତିକ୍ରମ କରିଦେଇଛି। ତାଙ୍କ ପୂର୍ବରୁ ଶାହାରୁଖ ଖାଁ ଗୋଟିଏ ବର୍ଷରେ ଲଗାତାର ଦୁଇଟି ସୁପରହିଟ୍ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯେଉଁଗୁଡ଼ିକର ବ୍ୟବସାୟ ୧୦୦୦ କୋଟି ଟଙ୍କା ଟପିଯାଇଥିଲା। ରଣବୀର ଓ ଶାହରୁଖ ଦୁଇଟି ଲେଖାଏଁ ୧୦୦୦ କୋଟି ଟଙ୍କା ବ୍ୟବସାୟ କରିଥିବା ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ବଲିଉଡ୍‌ର ସବୁଠାରୁ ବିବାଦୀୟ ଅଭିନେତା ସଞ୍ଜୟ ଦତ୍ତ ଏଭଳି ଚାରିଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି। ୨୦୨୨ରେ ତାଙ୍କ ଅଭିନୀତ 'କେଜିଏଫ୍: ଚାପ୍ଟର ୨' ବିଶ୍ୱବ୍ୟାପୀ ୧୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏହା ପର ବର୍ଷ ସେ 'ଯବାନ' ଚଳଚ୍ଚିତ୍ରରେ ଅତିଥି ଅଭିନେତା ଭାବେ ଦେଖା ଦେଇଥିଲେ, ଯାହା ମଧ୍ୟ ୧୨୦୦ କୋଟି ଟଙ୍କା ଆୟ କରିଥିଲା। ଏହା ପରେ ଦୁଇଟି 'ଧୁରନ୍ଧର' ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି। ସଞ୍ଜୟ ଏବେ ବଲିଉଡ୍‌ର ଏକମାତ୍ର ଅଭିନେତା, ଯାହାଙ୍କର ଚାରିଟି ଚଳଚ୍ଚିତ୍ର ୧୦୦୦ କୋଟି ଟଙ୍କାରୁ ଅଧିକ ଆୟ କରିପାରିଛି।

# କଳା ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ଅକ୍ଷୟ ସାମଲ



ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ହେଉଛନ୍ତି ଇଞ୍ଜିନିୟର ଅକ୍ଷୟ ସାମଲ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମ ପଞ୍ଚାୟତରେ ଅକ୍ଷୟ ୧୯୮୩ ମସିହାରେ ଜନ୍ମ ଲାଭ କରନ୍ତି। ତାଙ୍କର ପିତା କୃଷ୍ଣଚନ୍ଦ୍ର ସାମଲ ଓ ମାତା ଶକୁନ୍ତଳା ସାମଲ। ତାଙ୍କର ତିନି ଭଉଣୀ ଅନ୍ନପୂର୍ଣ୍ଣା, ଅରୁଣିମା ଓ ଅନୁପମା। ଅନୁପମା ସାମଲ ବର୍ତ୍ତମାନ ବଛଦା ଉଚ୍ଚ ବିଦ୍ୟାଳୟରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଅକ୍ଷୟ ଜଣେ ମେକାନିକାଲ ଇଞ୍ଜିନିୟର ଏବଂ ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଅକ୍ଷୟ ଙ୍କ ଧର୍ମପତ୍ନୀ ସୁଶ୍ରୀ ସଙ୍ଗୀତା ବର୍ତ୍ତମାନ କଟକ ଏସ ସି ବି ମେଡିକାଲ କଲେଜରେ ନର୍ସିଂ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଅକ୍ଷୟ ଙ୍କ ଦୁଇ ଝିଅ ଅଭିଲିପ୍ସା ଓ ଅକ୍ଷରା ଏବଂ ଗୋଟିଏ ପୁତ୍ର ଆଇନ୍ସ। କଳା ସାହିତ୍ୟ ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଆଗେଇ ଚାଲିଛନ୍ତି ଶ୍ରୀ ସାମଲ। ଅନେକ ସାହିତ୍ୟ, ଶିକ୍ଷା, ସମାଜସେବା ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଶ୍ରୀ ସାମଲ ଜଡ଼ିତ। ଶିବ ପାର୍ବତୀ ଯୁବ ପରିଷଦ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ, ସିଦ୍ଧେଶ୍ୱରୀ ମନ୍ଦିର କମିଟି ପ୍ରଭୃତି ବିଭିନ୍ନ ଅନୁଷ୍ଠାନ ସହିତ ସେ ନିବିଡ ସମ୍ପର୍କ ରଖି ସମସ୍ତ ଙ୍କୁ ସାହାଯ୍ୟ ସହଯୋଗ କରିଥାନ୍ତି। ଇଞ୍ଜିନିୟର ଅକ୍ଷୟ ସାମଲ ଅନେକ ସମୟରେ କବିତା, ଗଳ୍ପ ଓ ପ୍ରବନ୍ଧ ଲେଖିଥାନ୍ତି। ରକ୍ତତୀର୍ଥ ଇରମର ବିଭିନ୍ନ ଐତିହାସିକ ଘଟଣାକୁ ନେଇ ସେ ସୁନ୍ଦର ପ୍ରବନ୍ଧ ରଚନା କରିଛନ୍ତି। ଶ୍ରୀ ଅକ୍ଷୟ ସାମଲଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ସ୍ୱର ଓ ସ୍ୱାକ୍ଷର, ଢଗ ଢମାଳି ପ୍ରଭୃତି ପାଠକ ଓ ଲେଖକ ଦରବାରରେ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଛି। ଅକ୍ଷୟଙ୍କ ପିତା କୃଷ୍ଣଚନ୍ଦ୍ର ସାମଲ ଜଣେ ସୁନ୍ଦର ଶିକ୍ଷକ ଓ ସାହିତ୍ୟିକ ଥିଲେ ଏବଂ ସମସ୍ତ ଙ୍କୁ ଭଲ ପାଉଥିଲେ। ଅକ୍ଷୟଙ୍କ ମାମୁଁ ଯାଦବ ବିଶ୍ୱାଳ ପଦ୍ମୁଆଁ ସେବା ସମବାୟ ସମିତିରୁ ଚାକିରିରୁ ଅବସର ନେଇଛନ୍ତି। ଅକ୍ଷୟ ତାଙ୍କର ମାଉସୀ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଆଶାମଣି ମହାନ୍ତି , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କବି ପୀତାମ୍ବର ମହାନ୍ତି, କବି ରଘୁନାଥ ରାଉଳ ଙ୍କୁ ସର୍ବଦା ସମ୍ମାନ ଦିଅନ୍ତି। ଅକ୍ଷୟଙ୍କ ପ୍ରିୟ ସାଙ୍ଗ ସାଥୀ ଓ ବନ୍ଧୁ ହେଉଛନ୍ତି ଚିତ୍ତ ରଞ୍ଜନ ପଲାଇ, ସତ୍ୟ ସୁନ୍ଦର ରାଉତ, ହରିହର ନାୟକ, ଅଭିରାମ ନାୟକ, ସୂର୍ଯ୍ୟକାନ୍ତ ବେହେରା, ଚିନ୍ମୟ ନାୟକ, ମୁକେଶ ନାୟକ ଓ ଆହୁରି ଅନେକ । ଅନେକ ସମୟରେ ଶ୍ରୀ ସାମଲ ଓଡ଼ିଆ ସାହିତ୍ୟ, ସଂସ୍କୃତି, ଯାତ୍ରା ଜଗତର ଲୋକପ୍ରିୟ ନାଟକ, ଓଡିଆ ଚଳଚିତ୍ର ସମ୍ପର୍କରେ ଆଲୋଚନା କରିଥାନ୍ତି। ଖୁବ୍ ଶୀଘ୍ର ଶ୍ରୀ ସାମଲଙ୍କର ଏକ କବିତା ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି। ଶ୍ରୀ ସାମଲଙ୍କର ସମସ୍ତ ଲକ୍ଷ୍ୟ ଓ ସ୍ୱପ୍ନ ପୂରଣ ହେଉ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ସାମଲଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା।

**ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି**
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଓଡିଆ ପକ୍ଷର ପ୍ରଥମ ଦିନ ପାଳିତ




ବାଲେଶ୍ୱର, ୦୨/୪ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଓ ଓଡିଆ ପକ୍ଷର ପ୍ରଥମ ଦିନ ଉତ୍ସାହ ଓ ଉଦ୍ଯାପନାର ସହିତ ପାଳିତ ହୋଇଛି। ପ୍ରାତଃ ୪.୩୦ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଓଡ଼ିଶାର ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ପରିବେଷଣ କରାଯାଇ ସହର ପରିକ୍ରମା କରାଯାଇଥିଲା। ପୂର୍ବାହ୍ନ ୮.୩୦ ଘଟିକାରେ ଓଡ଼ିଶା ଦିବସ ଉପଲକ୍ଷେ ପଦଯାତ୍ରା ଆୟୋଜିତ ହୋଇଥିଲା, ଯାହାକୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟାମାନେ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀ-କର୍ମଚାରୀମାନେ ଯୋଗଦେଇଥିଲେ।

ପୂର୍ବାହ୍ନ ୯.୦୦ ଘଟିକାରେ ମାନ୍ୟବର ମନ୍ତ୍ରୀ, ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଶ୍ରୀ ରବି ନାରାୟଣ ନାଏକ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରବର୍ତ୍ତୀତରେ ସେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ ଏବଂ ଫଟୋ ଏକ୍ସିବିସନ୍ ଓ ଜୀବନ୍ତ ଚିତ୍ରକଳା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ, ଯେଉଁଥିରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ର ସ୍ୱତନ୍ତ୍ରତା ଆନ୍ଦୋଳନ ର ସମସ୍ତ ମୂକସାକ୍ଷୀ ସେଇ ଚିତ୍ର ମାନଙ୍କ ମାଧ୍ୟମରେ ଦର୍ଷା। ଯାଇଥିଲା।

ପୂର୍ବାହ୍ନ ୧୦.୩୦ ଘଟିକାରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ, ଅତିରିକ୍ତ ଜିଲ୍ଲାପାଳମାନେ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଞ୍ଚାସୀନ ଥିଲେ।

ସଭାର ଆରମ୍ଭରେ ଅତିଥିମାନେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସ୍ଥାନୀୟ କଳାକାରମାନେ "ବନ୍ଦେ ଉତ୍କଳ ଜନନୀ" ଓ "ବନ୍ଦେ ମାତରମ" ପରିବେଷଣ କରିଥିଲେ।

ବକ୍ତାମାନେ ଓଡ଼ିଶାର ଐତିହ୍ୟ, ଗୌରବମୟ ଇତିହାସ ଓ ଭବିଷ୍ୟତ ଦୃଷ୍ଟିକୋଣ ବିଷୟରେ ଆଲୋକପାତ କରିଥିଲେ। ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକାଶଶୀଳ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାର ଲକ୍ଷ୍ୟକୁ ସାକାର କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ।

ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜୀବନ୍ତ ଚିତ୍ରକଳାରେ ବାଦଲ ନାୟକ ଶ୍ରେଷ୍ଠ ଚିତ୍ରକାର ଭାବେ ଚୟନିତ ହୋଇଥିଲେ। ସାଧାରଣ ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଜାତୀୟତାବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଧାରଣ ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରିୟଦର୍ଶୀ ରାଜେଶ ପରିଚାଳନା କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପରିଚାଳନା କରିଥିଲେ।

# ପଦ୍ମଲୋଚନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଆସାମୀ ମାନଙ୍କୁ ଗିରଫ କରିବାକୁ ଦାବି କଲେ ପତ୍ନୀ

ବାଲେଶ୍ୱର, ୦୨/୪ (ନି.ପ୍ର): ଫରେଷ୍ଟର ପଦ୍ମଲୋଚନ ପାତ୍ର ଓ ତାଙ୍କ ସହ କର୍ମୀ ଙ୍କୁ କୁଲ ଡିହା ରେଞ୍ଜ ଏ ସି ଏଫ ସୁବ୍ରତ ବେହେରା ଓ ତାଙ୍କ ସହ କର୍ମୀ ମାନେ କିଛି ଦିନ ତଳେ ସାମାନ୍ୟ ଯାନ ଓଭର ଟେକ ଘଟଣା କୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ବରହମପୁର ଥାନା ରେ ଏତଲା ଦିଆଯିବା ପରେ ମଧ ଆସାମୀ ମାନଙ୍କ ବିରୋଧ ରେ ତଦନ୍ତ ହେଉ ନାହିଁ କିମ୍ବା ଗିରଫ କରାଯାଉ ନାହିଁ। ତେଣୁ ଉପଯୁକ୍ତ ନ୍ୟାୟ ପାଇବା ଲାଗି ମଙ୍ଗଳ ବାର ମଧ୍ୟାହ୍ନ ରେ ପଦ୍ମଲୋଚନ ଙ୍କ ଧର୍ମପତ୍ନୀ ଦୀପ୍ତିମୟୀ ପାତ୍ର ଓ ତାଙ୍କର ସମ୍ପର୍କୀୟ ମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକପ୍ରତ୍ୟୁଷ ଦିଓ୍ୱାକର ଙ୍କୁ ସାକ୍ଷାତ କରି ତୁରନ୍ତ ଆସମୀ ମାନଙ୍କ ବିରୋଧ ରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରି ଦାବି ପତ୍ରପ୍ରଦାନ କରିଛନ୍ତି। ଏକ ପ୍ରତିକ୍ରିୟା ରେ ଶ୍ରୀମତୀ ପାତ୍ର କହିଛନ୍ତି କି ଏ ସି ଏଫ ଶ୍ରୀ ବେହେରା ଉଚ୍ଚ ପଦସ୍ଥ ଅଧିକାରୀ ଓ ସେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ବରହମପୁର ଥାନା ଅଧିକାରୀ କୋହଳ ଦଫା ଲଗାଇଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶ୍ରୀ ବେହେରା ଚାପ ପକାଉଥିବା ବେଳେ ଥାନା ଅଧିକାରୀ ମଧ ଶ୍ରୀମତୀ ପାତ୍ର ଙ୍କୁ ବାରମ୍ବାର ଥାନା ରେ ଆଶାଳୀନ ବ୍ୟବହାର କରିଛନ୍ତି। କୌଣସି ଉପାୟ ନ ପାଇ ସେ ଆରକ୍ଷୀ ଅଧିକ୍ଷକ ଙ୍କ ନିକଟକୁ ଆସିଛନ୍ତି। ଆରକ୍ଷୀ ଅଧିକ୍ଷକ ମଧ ଘଟଣା ର ତଦନ୍ତ କରାଯାଇ ଆସାମୀ ମାନଙ୍କ ବିରୋଧ ରେ କାର୍ଯ୍ୟେନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତି ପାତ୍ର ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି କି ଏତଲା ଉପରେ ସମ୍ପୃକ୍ତ ଥାନା ର ତଦନ୍ତକାରୀ ଅଧିକାରୀ ତଦନ୍ତ କରୁଛନ୍ତି। ଠିକ ସମୟ ରେ ଆସାମୀ ମାନଙ୍କ ବିରୋଧ ରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏତଲା କୁ ଆଧାର କରି ବି ଏନ ଏସ ର ଦଫା ଲଗାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି

# ଆରମ୍ଭ ହେଲା ଯୁକ୍ତ ୨ ଖାତା ଦେଖା

ଭୁବନେଶ୍ୱର, ୦୨/୪ (ନି.ପ୍ର): ଆଜିଠୁ ଆରମ୍ଭ ଯୁକ୍ତ ୨ ଖାତା ଦେଖା । ୨ଟି ପର୍ଯ୍ୟାୟରେ ସରିବ ମୂଲ୍ୟାଙ୍କନ । ଏପ୍ରିଲ ୨ରୁ ୧୩ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ଖାତା ଦେଖାଯିବ । ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଏପ୍ରିଲରୁ ୨୬ ଏପ୍ରିଲ ମଧ୍ୟରେ ସରିବ । ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ସିଏଚଏସଇ କରୁଛି ପ୍ରସ୍ତୁତି । ୩ ଲକ୍ଷ ୯୬ ହଜାର ୫୯୨ ପରୀକ୍ଷାର୍ଥୀଙ୍କ ଖାତା ଦେଖାଯିବ । ଫେବୃୟାରୀ ୧୮ ରୁ ଆରମ୍ଭ ହୋଇଥିବା ପରୀକ୍ଷା ମାର୍ଚ୍ଚ ୨୮ ରେ ଶେଷ ହୋଇଥିଲା । ଅନଲାଇନ୍ ଖାତା ଦେଖା ୨ ଟି ସିଫ୍ଟରେ ହେଉଛି । ସକାଳ ୦୭: ୩୦ ରୁ ୧୧: ୩୦ ଏବଂ ଦ୍ୱିତୀୟ ସିଫ୍ଟରେ ୧୨ ରୁ ୪ ଘଟିକା । ଅଫଲାଇନ ସକାଳ ୮ ରୁ ୧ ଘଟିକା ଯାଏ ଚାଲିବ ।

# ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ବୈଶିଙ୍ଗା , ୦୨/୪ (ନି.ପ୍ର): ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ଶ୍ରୀଯୁକ୍ତ ସନ୍ୟାସୀ ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଦିବସ ଗମ୍ଭୀର ଓ ଗୌରବମୟ ପରିବେଶରେ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ମନରେ ଶାନ୍ତ ଓ ଭାବୁକତାର ମିଶ୍ର ଅନୁଭୂତି ଦେଖିବାକୁ ମିଳିଥିଲା।

ବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ପ୍ରାରମ୍ଭିକ ଭାଷଣରେ ସନ୍ୟାସୀ ସାରଙ୍କ ଦୀର୍ଘ ସେବାଜୀବନ, ଶିକ୍ଷାକ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ଏବଂ ବିଦ୍ୟାଳୟର ଉନ୍ନତିରେ ତାଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ।

ଏହି ଅବସରରେ ବିଦ୍ୟାଳୟରୁ ପୂର୍ବରୁ ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକମାନେ ତଥା ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନେ ନିଜ ନିଜ ଭାଷଣରେ ଶ୍ରୀଯୁକ୍ତ ସନ୍ୟାସୀ ନାୟକଙ୍କର ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଓ ସହକର୍ମୀମାନଙ୍କ ସହ ସମ୍ମିଳିତ ଭାବରେ କାମ କରିବାର ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ଏହା ମଧ କହିଥିଲେ ଯେ ସାରଙ୍କର ଅବଦାନ ବିଦ୍ୟାଳୟର ଇତିହାସରେ ସଦା ସ୍ମରଣୀୟ ରହିବ।

ପରେ ସନ୍ୟାସୀ ସାରଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସମ୍ବର୍ଦ୍ଧନାରେ ସମସ୍ତଙ୍କ ମଧ୍ୟରେ ଗଭୀର ସମ୍ମାନ ଓ ସ୍ନେହର ପ୍ରକାଶ ଦେଖିବାକୁ ମିଳିଥିଲା। ନିଜ ଅଭିଭାଷଣରେ ସନ୍ୟାସୀ ନାୟକ ସାର ବିଦ୍ୟାଳୟର ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ତାଙ୍କ ସହଯୋଗ ଓ ସ୍ନେହ ପାଇଁ ଅନେକ ଧନ୍ୟବାଦ ଜଣାଇଥିଲେ ଏବଂ ନିଜ ସେବାଜୀବନର ସ୍ମୃତିମୟ ଅନୁଭୂତିମାନଙ୍କୁ ବ୍ୟକ୍ତ କରିଥିଲେ। ଏହି ଅନୁଷ୍ଠାନରେ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ଏବଂ ବିଦାୟ କାଳୀନ ସଭାକୁ ସଫଳ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର ପ୍ରଦାନ ସମାରୋହ ମହାସମାରୋହରେ ଅନୁଷ୍ଠିତ

ରାଉରକେଲା, ୦୨/୪ (ନି.ପ୍ର): "ଆସନ୍ତୁ ଆମେ ଆହ୍ୱାନ ମଧ୍ୟରେ ଅକ୍ଲାନ୍ତ ପରିଶ୍ରମ କରି କାରଖାନାର ଏକ ସଫଳ କାହାଣୀ ଲେଖିବା," ବୋଲି ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ଉକ୍ତି ।

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର ପ୍ରଦାନ ସମାରୋହ ଏପ୍ରିଲ ପହିଲା ରେ ମହାସମାରୋହରେ ଆୟୋଜିତ ହୋଇଥିଲା। ଶିକ୍ଷା ଏବଂ ବିକାଶ ବିଭାଗର ଗୋପବନ୍ଧୁ ଅଡିଟୋରିୟମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ, (ଏଚଆର) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ, (ଏମଏମ), ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ, (ଖଣି) ଶ୍ରୀ ଏମ ପି ସିଂହ, ନିର୍ବାହୀ ନିର୍ଦ୍ଦେଶକ, (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ ଏ ଅବସରରେ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପ୍ଲାଣ୍ଟର ଅନେକ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବହୁ ସଂଖ୍ୟକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ପ୍ରତିବର୍ଷ ନୂତନ ଆର୍ଥିକ ବର୍ଷ ଆରମ୍ଭରେ ଆୟୋଜିତ ଏହି




ବିଶାଳ ବାର୍ଷିକ କାର୍ଯ୍ୟକ୍ରମରେ ପୂର୍ବ ଆର୍ଥିକ ବର୍ଷରେ ଇସ୍ପାତ କାରଖାନାର ସଫଳତାକୁ ଅନୁଶୀଳନ କରାଯିବା ସହ , କର୍ମଚାରୀ ଏବଂ ବିଭାଗଗୁଡ଼ିକୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଏ ଏବଂ ନୂତନ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଥାଏ ।

ସୂଚନାଯୋଗ୍ୟ ଯେ ପ୍ରାରମ୍ଭରେ ସେଲ୍ ର ସିଏମଡି ଶ୍ରୀ ଅମରେନ୍ଦୁ ପ୍ରକାଶଙ୍କ କର୍ମଚାରୀମାନଙ୍କୁ ଏକ ଅନଲାଇନ୍ ବାର୍ତ୍ତା ସହିତ ଉକ୍ତ କାର ?ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉତ୍କଳ ଦିବସ ଏବଂ ନୂତନ ଆର୍ଥିକ ବର୍ଷ ଆରମ୍ଭରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ, ଶ୍ରୀ ଆଲୋକ ବର୍ମା ଗତ ଆର୍ଥିକ ବର୍ଷରେ ଆରଏସପି ର ରେକର୍ଡ ପ୍ରଦର୍ଶନ ପାଇଁ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଫଳତା ରେ ଆତ୍ମହରା ନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଯେଉଁଠାରେ ଅତୀତର କାର୍ଯ୍ୟ ପଦ୍ଧତି ଭବିଷ୍ୟତ ପାଇଁ ସର୍ବୋତ୍ତମ ମନେକରା ଯାଏ , ସେଭଳି ସଂସ୍ଥାନ ଚିରସ୍ଥାୟୀ ନୁହେଁ। ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରି, ସେ କହିଥିଲେ , ଲକ୍ଷ୍ୟଗୁଡ଼ିକ କଠିନ ମାନେ ହେଇପାରେ କିନ୍ତୁ ତାହା ହାସଲ ଯୋଗ୍ୟ । ସେ ଏହା ମଧ ଜୋର ଦେଇ କହିଥିଲେ ଯେ ନୂତନ ବର୍ଷ ଆରଏସପି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଇସ୍ପାତ କାରଖାନା ୯.୮ ନିୟୁତ ଟନ୍ ପ୍ଲାଣ୍ଟ ହେବା ପାଇଁ ଖୁବ୍ ଶୀଘ୍ର ଏହାର ସମ୍ପ୍ରସାରଣ ଯାତ୍ରା ଆରମ୍ଭ କରିବ।

ତାଙ୍କ ଶେଷ ମନ୍ତବ୍ୟରେ, ଶ୍ରୀଯୁକ୍ତ ବର୍ମା କହିଥିଲେ, 'ଆମର ଐତିହ୍ୟ ସହଜ ସଫଳତା ଦ୍ୱାରା ପରିଭାଷିତ ନୁହେଁ, ବରଂ ପ୍ରତିକୂଳ ପରିସ୍ଥିତିରେ ଆମେ କିପରି ପ୍ରଦର୍ଶନ କରୁ ତାହା ଦ୍ୱାରା ପରିଭାଷିତ। ଆସନ୍ତୁ ଆମେ ସେହି ସମଷ୍ଟି ହେବା ଯେଉଁମାନେ ଆରଏସପି ପାଇଁ ଏକ ନୂତନ କାହାଣୀ ପାଇଁ ଆହ୍ୱାନ ମଧ୍ୟରେ ଅକ୍ଲାନ୍ତ ପରିଶ୍ରମ କରନ୍ତି।'

ପୂର୍ବରୁ, ଡିଆଇସି, ସମ୍ମାନିତ ଅତିଥିମାନଙ୍କ ସହିତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମଚାରୀଙ୍କ ଏକ ଦଳ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗୀତର ମଧୁର ପରିବେଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ପଲାଇ ଆର୍ଥିକ ବର୍ଷ ୨୦୨୫-୨୬ ରେ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଆରଏସପିର ପ୍ରଶଂସନୀୟ ସଫଳତା ଉପରେ ଆଲୋକପାତ କରିଥିଲେ। ସେ ୨୦୨୬-୨୭ ଆର୍ଥିକ ବର୍ଷର ଲକ୍ଷ୍ୟ ମଧ ବର୍ଣ୍ଣନା କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ, (ଖଣି) ଶ୍ରୀ ଏମ ପି ସିଂହ ୨୦୨୫-୨୬ ରେ ଓଡ଼ିଶା ଖଣି ଗୋଷ୍ଠୀର କାର୍ଯ୍ୟଦକ୍ଷତା ଏବଂ ସଫଳତା ଏବଂ ନୂତନ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଉପସ୍ଥାପନ କରିଥିଲେ।

ପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉଲ୍ଲେଖନୀୟ ସଫଳତା ପାଇଁ ବିଭାଗ ଏବଂ ବ୍ୟକ୍ତିଗତ କର୍ମଚାରୀମାନଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଆଲୋକ ବର୍ମା ବାର୍ଷିକ ବ୍ୟବସାୟ ଯୋଜନା ପୁସ୍ତିକା ମଧ ଉନ୍ମୋଚନ କରିଥିଲେ।

ସିଜିଏମ୍ ଇନଚାର୍ଜ (ସେବା) ଏବଂ ଅଧ୍ୟକ୍ଷ (ଆୟୋଜକ କମିଟି) ଶ୍ରୀ ଆତିଶ ଚନ୍ଦ୍ର ସରକାର, ସମାବେଶକୁ ସ୍ୱାଗତ କରିଥିଲେ, ଯେତେବେଳେ ଜିଏମ ଇନଚାର୍ଜ (ଆରସିଏଲ) ଶ୍ରୀ ଆର ଏସ ଶର୍ମା, ଏକ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ସିନିୟର ମ୍ୟାନେଜର (ଆରସିଏଲ) ସୁଶ୍ରୀ ଖୁସବୁ ମିଶ୍ର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ପିଆର) ଶ୍ରୀ ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ର ସଂଚାଳନ କରିଥିଲେ।

# ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସଇର ସିଟି ଏବଂ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୨/୪ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅର୍ଥାତ୍ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଦିନରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ନୂତନ 'କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ସିଟି ଏବଂ ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମ ଜାତୀୟ ଶିକ୍ଷା ନୀତି - ୨୦୨୦ ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ।




ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ଆଜି ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଛି । ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ସହଯୋଗରେ ବିକଶିତ ଏହି ପାଠ୍ୟକ୍ରମ, ସିବିଏସଇ ବିଦ୍ୟାଳୟ ବ୍ୟବସ୍ଥାରେ ସଂରଚିତ ଏଆଇ ଶିକ୍ଷାକୁ ବ୍ୟାପକ ଭାବେ ପ୍ରଚଳନ କରିବ । ନୂତନ ଶିକ୍ଷାବର୍ଷର ଆରମ୍ଭରୁ ଏହି ପାଠ୍ୟକ୍ରମର ପ୍ରଚଳନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ବୈଷୟିକ ଜ୍ଞାନ ବୃଦ୍ଧି ହେବ ନାହିଁ, ବରଂ ସେମାନଙ୍କର ସୃଜନଶୀଳତା, ଡିଜାଇନ ଓରିଏଣ୍ଟେସନ ଏବଂ ସମସ୍ୟା ସମାଧାନର ଦକ୍ଷତା ମଧ ବିକଶିତ ହେବ । "ଏଆଇ ଫର୍ ଏଜୁକେସନ, ଏଆଇ ଇନ୍ ଏଜୁକେସନ" ର ଭିଜନକୁ ଆଧାର କରି ଏହି ଶିକ୍ଷା ବ୍ୟବସ୍ଥା ଭାରତର ଶିଶୁମାନଙ୍କୁ କେବଳ ପ୍ରଯୁକ୍ତିବିଦ୍ୟାର ୟୁଜର୍ ନୁହେଁ, ବରଂ ଆଗାମୀ ଦିନରେ ଟେକ୍ନୋଲୋଜିର ଉଦ୍ଭାବକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ।

ପାଠ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏଥିରେ ଶିଶୁମାନଙ୍କ ବୟସ ଓ ବୁଦ୍ଧି ଅନୁସାରେ ସରଳ ଓ ପ୍ରଣାଳୀବଦ୍ଧ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନ ପାଇଛି । ଏହା ସହିତ ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ବ୍ୟାପକ ତାଲିମ ଏବଂ ସ୍ୱତନ୍ତ୍ର 'ଶିକ୍ଷକ ମାର୍ଗଦର୍ଶିକା' ବା ଟିଚର ହ୍ୟାଣ୍ଡବୁକ୍ ପ୍ରଦାନ କରାଯିବ । ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଯାଞ୍ଚ କରିବା ପାଇଁ ଅତ୍ୟାଧୁନିକ ଆସେସମେଣ୍ଟ ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି । ଶ୍ରୀ ପ୍ରଧାନ ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିଥିବା ଯୋଗୁଁ ସିବିଏସଇ ଏବଂ ଏନସିଇଆରଟିକୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ମଧ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷା ବର୍ଷରୁ ଏହି ପାଠ୍ୟକ୍ରମ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହା ପିଲାମାନଙ୍କର କ୍ରିଟିକାଲ ଥିଙ୍କିଂ, ସମସ୍ୟା ସମାଧାନର ଦକ୍ଷତା ଏବଂ ପାଟର୍ଣ୍ଣ ଚିହ୍ନଟ କରିବା ଶକ୍ତିକୁ ବୃଦ୍ଧି କରିବ । ପାଠ୍ୟକ୍ରମ ପାଠପଢ଼ାକୁ ଖେଳ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଆମୋଦଦାୟକ କରିବ । ଏଥିରେ ପଜଲ୍ ଓ ଗାଣିତିକ ଖେଳ ମାଧ୍ୟମରେ ଜଟିଳ ସମସ୍ୟାକୁ ସରଳ କରିବାର ଶୈଳୀ ଶିଖାଯିବ । ପିଲାମାନେ କେବଳ ଘୋଷିବା ପରିବର୍ତ୍ତେ ସେମାନଙ୍କର ସୃଜନଶୀଳତା ଏବଂ ପ୍ରଯୁକ୍ତିର ପ୍ରୟୋଗ କରିବାର ଦକ୍ଷତା ଉପରେ ଆଧାର କରି ସେମାନଙ୍କର ପରୀକ୍ଷା କରାଯିବ । ଏହି ପାଠ୍ୟକ୍ରମ ମାଧ୍ୟମରେ ଭାରତକୁ ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

# ଉପଖଣ୍ଡସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ

ନୀଳଗିରି , ୦୨/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମା ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉପଖଣ୍ଡ ସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହାନ ଐତିହାସିକ ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରାଞ୍ଚଳରେ ଡାକ ବାଜି ଯନ୍ତ୍ର ଯୋଗେ ପ୍ରତ୍ୟୁଷ ଘ.୪ଟୀକା ସମୟରେ'ବନ୍ଦେ ଉତ୍କଳ ଜନନୀ'ବନ୍ଦନା ପ୍ରଚାର କରାଯାଇଥିଲା ।ଏହି ଦିବସ ପାଳନ ଅବସରରେ ସକାଳ ଘ୬.୩୦ ଟୀକା ସମୟରେ ଏନ୍.ଏ. ସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ସ୍ଲୋଗାନରେ ପ୍ରଭାତ ଫେରିରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ମିଳିତ ହୋଇ ଥିଲେଏବଂ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ସମେତ ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ,ବୁଦ୍ଧିଜୀବି ଯୋଗ ଦେଇ ମାଲ୍ୟାର୍ପଣ କରିଥିଲେ। ତତ୍ ପରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ଥିବା ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଏବଂ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱସ୍ଥ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣ ଦିବସ ପାଳନର ଆନୁଷ୍ଠାନିକ ଉତ୍ସବ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଓଡ଼ିଶା ରାଷ୍ଟ୍ର ଗଠନର ମହାନ ମନୀଷୀ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ବିଦ୍ୟାଳୟ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ବରପୁତ୍ର ମାନଙ୍କ ଫୋଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପାର୍ଘ ଧୂପ ଦୀପ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।ସାଧାରଣ ସଭା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ବନ୍ଦନା ଏବଂ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଦିବସରେ ଆୟୋଜିତ ସଭାରେ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କୌଶିକ ଦାସ ପୌରୋହିତ୍ୟ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ପରିଚୟ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଦିବସ ପାଳନ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି ପବିତ୍ର ଦିବସ ପାଳନର ଦିବସ ବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ଅନ୍ୟାନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଏନ. ଏ. ସି କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା,ପୂର୍ବତନ ବିଧାୟକ ତଥା ଆଇନଜୀବୀ ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ।ଏଥିରେ ନୀଳଗିରି ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ଦେବୀଦତ୍ତ ପ୍ରୀତି ରଞ୍ଜନ ବେହେରା ସମଗ୍ର ଭାରତ ବର୍ଷରେ ଓଡ଼ିଶା ଭାଷା ଭିତ୍ତିକ ରାଷ୍ଟ୍ର ଗଠନ ହେବାରେ ପ୍ରଥମ, ରାଷ୍ଟ୍ର ଗଠନର ମହାନ ମନୀଷ ବରପୁତ୍ର ମାନଙ୍କ ସମ୍ପର୍କରେ ସମ୍ୟକ୍ ବକ୍ତବ୍ୟ ରଖି ଥିଲେ। ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଦିବସ ପାଳନର ଆଭିମୁଖ୍ୟ ପ୍ରଗତି ସଂପର୍କରେ ଅଭିଭାଷଣ ରଖିଥିଲେ।ଦିବସର ମୁଖ୍ୟ ବକ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ରାଷ୍ଟ୍ର ଗଠନର ଇତିବୃତି ବିଶଦ ଭାବରେ ଆଲୋକପାତ କରିଥିଲେ ଏବଂ ଦିବସର ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ରାଷ୍ଟ୍ର ଗଠନର ନାୟକ ମାନଙ୍କ ସ୍ମୃତି ଚାରଣ କରିଥିଲେ।ଏହି ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ତର୍କ, କୁଇଜ୍, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପାଣି ଚିନ୍ତାରେ ଆଦିବାସୀ ସମ୍ପ୍ରଦାୟ: ତିନିମାସ ହେଲା ନଳକୂପ ଅଚଳ



ବାଲିଆପାଳ , ୦୨/୪ (ନି.ପ୍ର): ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଭଳି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା ବୟାନ କରୁଛି । ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଦାଣ୍ଡିପଦା ଆଦିବାସୀ ସାହିରୁ ଆସିଛି ଏଭଳି ଏକ ଖବର, ଯେଉଁଠି ଗ୍ରୀଷ୍ମ ଋତୁ ଆରମ୍ଭରୁ ହିଁ ପାଣି ପାଇଁ ତହଳ ବିକଳ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ । ଧୀରେ ଧୀରେ ଖରା ବଢୁଛି । ଆଉ ଏହା ସାଙ୍ଗକୁ ତାଳ ଦେଇ ବଢୁଛି ଜଳ ଯନ୍ତ୍ରଣା । ଗତ ତିନି ମାସ ହେଲା ଏହି ସାହି ଭିତରେ ଏକମାତ୍ର ନଳକୂପ ଏବେ ଅଚଳ ହୋଇଯାଇଛି । ସାହି ଭିତରେ ଥିବା ୧୨ ଟି ପରିବାରର ୪୦ ରୁ ଉର୍ଦ୍ଧ ଲୋକେ ଏବେ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗାଁର ବ୍ୟକ୍ତିଗତ ବୋରୱେଲ ପାଣି ଉପରେ ନିର୍ଭର କରୁଛନ୍ତି । ଗ୍ରାମର ଲୋକଙ୍କ ଅଭିଯୋଗ ଅନୁସାରେ ସାହି ଭିତରେ ଥିବା ନଳକୂପ ଆଜକୁ ଦୀର୍ଘ ଦୁଇବର୍ଷ ହେବ ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଭୂତଳ ଜଳ କମିଯିବାରୁ ଅକାମି ହୋଇଯାଉଛି । ଯାହା ଫଳରେ ସମସ୍ତ ପରିବାର ପାଣି ବୁନ୍ଦାଏ ପାଇଁ ପ୍ରତି ବର୍ଷ ଭଳି ଚିନ୍ତାରେ ରହୁଛନ୍ତି । ଚଳିତ ବର୍ଷ ଗତ ତିନି ମାସ ହେବ ଏହି ନଳକୂପ ଅକାମି ହେବାରୁ ବର୍ତ୍ତମାନ ସାହି ଭିତରେ ପାଣି ସଙ୍କଟ ଦେଖାଦେଇଛି । ପାଣି ସମସ୍ୟା ବାବଦରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଜୟନ୍ତ ଦାସଙ୍କୁ ଜଣାଇଥିଲେ ବି ସମାଧାନ ପୂର୍ବ ବର୍ଷ ଭଳି ଶୂନ ଦେଖିବାକୁ ମିଳିଛି । ପ୍ରଶାସନ ତରଫରୁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଆଦିବାସୀ ସାହି ମୁଣ୍ଡ ପର୍ଯ୍ୟନ୍ତ ପାଣି ପାଇପ ବିଛାଯାଇଥିଲେ ବି ପାଣି ବାହାରୁ ନାହିଁ । ସାହି ଭିତରେ ସମସ୍ତ ଆଦିବାସୀ ଅଶିକ୍ଷିତ ଓ ସରକାରୀ ନିୟମ ଜାଣିନଥିବା ହେତୁ ନିଜ ପଞ୍ଚାୟତର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ପାଣି ପାଇଁ ବାରମ୍ବାର ଗୁହାରି କରିଥିଲେ ବି ଆଦିବାସୀ ଲୋକଙ୍କ ପ୍ରତି କାହାରି ମାନବିକତା ଜାଗିନାହିଁ । ନଳକୂପ ଅଚଳ ଥିଲେ କିମ୍ବା ପାଇପ ଯୋଗେ ପାନୀୟ ଜଳର ସମସ୍ୟା ଦେଖାଦେଲେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗାଡ଼ିରେ ଟାଙ୍କି ସାହାଯ୍ୟରେ ପାଣି ବାଣ୍ଟିବା ପାଇଁ ସରକାରୀ ନିୟମ ଥିଲେ ବି ଆଜି ପର୍ଯ୍ୟନ୍ତ ଏମାନେ ନିଜ ସାହି ଭିତରେ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି । ତେବେଏହି ଆଦିବାସୀ ସାହି ଭିତରେ ଦେଖାଦେଇ ଥିବା ପାନୀୟ ଜଳ ସମସ୍ୟା ବାବଦରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବସୁଧା ହେଲ୍ପ ଲାଇନ ନମ୍ବର ୧୯୧୬ ଜରିଆରେ ଅଭିଯୋଗ କରିବା ସହିତ ବାଲିଆପାଳ ବ୍ଲକ ବିଡ଼ିଓ ଶ୍ରୀ ରାଧାରଞ୍ଜନ ଦାସଙ୍କୁ ଜଣାଇଥିଲେ । ପରେ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବିଡ଼ିଓ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ମାତ୍ର ଆଜି ପର୍ଯ୍ୟନ୍ତ ଏହି ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇନାହିଁ । ରାଜେଶ ସୋରେନ, ମୋହନ ହେମ୍ବ୍ରମ, ଚକ୍ରଧର ମାରାଣ୍ଡି, ମଧୁ ହେମ୍ବ୍ରମ ଭଳି ପ୍ରମୁଖ ଗ୍ରାମବାସୀ ପୂର୍ବରୁ ଥିବା ଅଚଳ ନଳକୂପ କୁ ମରାମତି ବା ନୂତନ ନଳକୂପ ନିର୍ମାଣ ବା ସାମୟିକ ଭାବେ ଟାଙ୍କି ଯୋଗେ ପାନୀୟ ଜଳ ବଣ୍ଟନ ପାଇଁ ଦାବୀ କରିଛନ୍ତି ।

## ସ୍ରଷ୍ଟା ନାଟ୍ୟ ସଂସ୍ଥା ଦ୍ୱାରା 'ଓଡ଼ିଶା ଦିବସ' ପାଳିତ

ବାଲେଶ୍ୱର, ୦୨/୪ (ନି.ପ୍ର): ସ୍ରଷ୍ଟା ନାଟ୍ୟ ସଂସ୍ଥା ଦ୍ୱାରା ମାକଲ୍ ପୁର ସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ରେ 'ଓଡ଼ିଶା ଦିବସ' ପାଳିତ ହୋଇଯାଇଛି। ସ୍ରଷ୍ଟା ସଭାପତି, ଶ୍ରୀ ଆଲୋକ କୁମାର ସାହୁ, ସମ୍ପାଦକ ଶ୍ରୀ ହେମେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ସାହାଣୀ, ସଂଗ୍ରାମ କେଶରୀ ମହାନ୍ତି, ମଦନ ମୋହନ ସାହୁ, ଦିବାକର ମହାନ୍ତି, ପୀତାମ୍ବର ଦାସ, ପ୍ରସନ୍ନ କୁମାର ଦାସ, ଶ୍ୟାମରାଇ କର, ମନୋରଞ୍ଜନ ଦାସ,ରାମ ଚନ୍ଦ୍ର ମହାପାତ୍ର, ରତିକାନ୍ତ ମଲିକ, ପ୍ରଦୀପ ଶତପଥି, ସରୋଜ କୁମାର ରାଉତ, ରଶ୍ମି ରଞ୍ଜନ ଦାସ, ପୁଷ୍ପିତା ପାଢ଼ୀ, ସ୍ୱାଗତିକା ବାରିକ, ଅନୁଭା ଶତପଥି, ସୁମନା ପରିଡ଼ା, ଅଜିତ କୁମାର ପଣ୍ଡା, ସ୍ୱାତୀ ପଣ୍ଡା ଅଜିତା ନନ୍ଦ ଗୋସ୍ୱାମୀ, ସୌରଜିତ ସାହୁ, ଋତୁରାଜ ବାରିକ, ଅମିତାଭ ଭଟ୍ଟାଚାର୍ଯ୍ୟ, ସ୍ୱାତୀ ସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହି ବ୍ୟାସ କବିଙ୍କୁ ମାଲ୍ୟାର୍ପଣ କରିଥିଲେ। ଉତ୍କଳ ଗୌରବ ମଧୁ ବାବୁ, ଫକୀର ମୋହନ ସେନାପତି,ରାଧାନାଥ ରାୟଙ୍କ ଅକ୍ଳାନ୍ତ ଉଦ୍ୟମରେ ଓଡ଼ିଶା କିପରି ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଗଠନ ହୋଇପାରିଥିଲା, ଉତ୍କଳ ଦିବସ ବା ଓଡ଼ିଶା ଦିବସ କାହିଁକି ପାଳନ କରାଯାଏ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଭଦ୍ରକରେ ୯୧ ତମ ଓଡ଼ିଶା ଦିବସ ପାଳିତ




ଭଦ୍ରକ, ୦୨/୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ ୯୧ ତମ ଓଡ଼ିଶା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହର୍ଷୋଲ୍ଲାସର ସହିତ ପାଳିତ ହୋଇଛି । ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା, କ୍ରିଡା ଓ ଯୁବସେବା ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ଓଡ଼ିଶାର ଏ ?ିତିହ ,ସାହିତ୍ୟ ଓ ସଂସ୍କୃତିର ମହତ୍ୱ ବିଷୟରେ ଅଭିଭାଷଣ ଦେଇ ସମସ୍ତଙ୍କୁ ଓଡିଆ ଭାଷା ଓ ପରିଚୟକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ । ଓଡିଆ ଭାଷାର ଉତ୍ପତ୍ତି ଓ ଏହାର ମାହାତ୍ମ୍ୟ ଉପରେ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ । ଏଥି ସହ ଆମ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା ଭଦ୍ରକର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗୌରବ ଗାଥାକୁ ସ୍ମରଣ କରିଥିଲେ ।ଓଡ଼ିଶା ଦିବସର ଏହି ସଭାକୁ ସଭାପତିତ୍ୱ କରୁଥିବା ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଓଡ଼ିଶାର ଆମ ଦେଶ ପାଇଁ ଅବଦାନ ଓ ବଳିଦାନ ବିଷୟରେ କହି ସମସ୍ତ ଓଡ଼ିଆଙ୍କୁ ନିଜ ଭାଷା ଓ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ରହିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ଯୋଗଦେଇ ଓଡ଼ିଶା ପ୍ରତି ଗର୍ବ ଓ ଭାବନାକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଇଂ. ଅଭୟ ସୁତାର ଓଡ଼ିଶା କିପରି ଇଂରେଜମାନଙ୍କ ଠାରୁ ସ୍ୱତନ୍ତ୍ର ହୋଇଥିଲା ସେ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ଦିବସର ଭବ୍ୟ ସମାରୋହରେ ବିଦ୍ୟାଳୟ ସ୍ତରୀୟ ଦେଶାତ୍ମବୋଧକ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସାଲଂଦି ହସ୍ପିଟାଲ, ସାଲଂଦି ନର୍ସିଂ ହୋମ ଓ ଆର.ସି. ଏନ୍ ମିଡିଆ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ବିଭିନ୍ନ ସାଂସ୍କୃତିକ କାର୍ୟକ୍ରମ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

# ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୨/୪ (ନି.ପ୍ର): ରାମକୃଷ୍ଣ ବିଦ୍ୟା ନିକେତନର ପଞ୍ଚଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟା ନିକେତନର ପରିଚାଳନା କମିଟି ଉପ ସଭାପତି ବିଜୟ କୁମାର ବଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁ ମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବାଲେଶ୍ୱର ବଳାଙ୍ଗୀ କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ବିଦ୍ୟାଧର ପ୍ରଧାନ । ଏହି ଉତ୍ସବରେ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ କବି ରମଣୀ ରଞ୍ଜନ ମିଶ୍ର। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, ଧର୍ମ, କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ତପନ କୁମାର ବାରିକ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ମିନତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ କବି ବିକାଶ ଶତପଥୀ ଓ କବି ସଦାନନ୍ଦ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ



ବାଲେଶ୍ୱର, ୦୨/୪ (ନି.ପ୍ର): ରୂପସାସ୍ଥିତ ହୀରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ସ୍ୱାଭିମାନ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ଓଡ଼ିଶା ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷ ମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ସ୍ୱାଭିମାନ ପରିଷଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ପାଦକ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଶିକ୍ଷକ ବାରିଦ ବରନ ପ୍ରଧାନ, ଅପାଲି ଅପରାଜିତା ଡ଼ଗର ଓ ବ୍ରହ୍ମପୁର ମେଡିକାଲ କଲେଜର ପ୍ରାକ୍ତନ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଉତ୍କଳ ସମ୍ମିଳନୀ ଗଠନ ମାଧ୍ୟମରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ସ୍ଥାପନ କରିଥିଲା ବୋଲି ଏହି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି । ଏହି ଅବସରରେ ବିଷୟ ବିଶେଷଜ୍ଞମାନେ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ ମହାପୁରୁଷ ମାନଙ୍କ ଉତ୍କଳ ପ୍ରଦେଶ ଗଠନରେ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଶିକ୍ଷକ ସୋମନାଥ ପାତ୍ର, ପ୍ରକୃତି ବନ୍ଧୁ ରବୀନ୍ଦ୍ର କୁମାର ବେହେରା, ଛାତ୍ରୀ ରୀନା ସାହୁ ଓ ଯଜ୍ଞଶ୍ରୀ ସାହୁ ପ୍ରମୁଖ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ । ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ, ଶୁଭମ୍ ଜେନା ଓ ଶ୍ୱେତାପଦ୍ମା ଶୁକ୍ଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସସ୍ମିତା ମହାନ୍ତି, ସସ୍ମିତା ବାଡୁ, ଯାଜ୍ଞସେନୀ ରାଉତ ଓ ସଞ୍ଜୟ କୁମାର ପୋଥାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ସୋମନାଥ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା , ୦୨/୪ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସମଗ୍ର ଶିକ୍ଷା, ମୟୁରଭଞ୍ଜ ର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଏଫ ସି ଅଶୋକ କୁମାର ସାମଲ, ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ହରେକୃଷ୍ଣ ବାରିକ, ପ୍ରଦୀପ କୁମାର ନାଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସାଇ କୋଚ ବିନୋଦ ରାମ, ତ୍ରିରଙ୍ଗା କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମାଜସେବୀ ଅମର କୁମାର ସେଠି, ସରୋଜ ମହାପାତ୍ର ( ଲିଟନ ), ଡଃ ନିରୋଜ କୁମାର ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ମହାନ୍ତି, ନବକିଶୋର ପାଲବାବୁ, ବଳରାମ ନାଥ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, କମଳ ମହାକୁଡ଼, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ତଥା ସମାଜ ପାଇଁ ଶ୍ରୀ ସିଂହ ଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିବା ସହ ପରବର୍ତ୍ତୀ ସୁଖମୟ ଜୀବନ କାମନା କରିଥିଲେ ଓ ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ଏବଂ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରଦାନ କରିଥିବା ଅଭିନନ୍ଦନ ପତ୍ରକୁ ଡି ସି ପି ଓ ଶ୍ରୀମତୀ ବିଶ୍ୱାଳ ପାଠ କରିଥିଲେ ଓ ତ୍ରିରଙ୍ଗା କ୍ଲବ, ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ /ଶିକ୍ଷୟତ୍ରୀ ଓ ହଷ୍ଟେଲର କର୍ମକର୍ତ୍ତା ଶ୍ରୀ ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଶେଷରେ ଶ୍ରୀ ସିଂହ ଏହି ସମ୍ବର୍ଦ୍ଧନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଣି ଫେରିଲା...

ଆପଣଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ଜରିମାନା । ଭୁବନେଶ୍ୱରରୁ ପୁରୀ ରାସ୍ତାରେ ଯାଞ୍ଚ ଅଧିକାରୀମାନେ ରାସ୍ତାରେ ଗାଡି ଅଟକାଇ ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ । ପ୍ରାୟ ଅଧିକାଂଶ ଗାଡିର ନଥିଲା ପିୟୁସି ସାର୍ଟିଫିକେଟ। ଗାଡି ଚାଳକମାନେ ଏହାର ସଠିକ ପ୍ରମାଣ ଦେଇପାରିବାରେ ଅସମର୍ଥ ହେବାରୁ କଟିଥିଲା ଚାଲାଣ । ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷାକୁ ଆହୁରି ମଜଭୁତ କରିବା ପାଇଁ ଚାଲିଥିବା ବିଶେଷ ଅଭିଯାନକୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମାର୍ଚ୍ଚ ୨୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ସଡ଼କ ଦୁର୍ଘଟଣା କମାଇବା ସହିତ ଲୋକମାନଙ୍କୁ ସଚେତନ କରିବା। ଏହି ଅଭିଯାନରେ ସମଗ୍ର ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ, ଅନ୍ୟ ପଟେ ନିୟମ ଭଙ୍ଗ କରୁଥିବା ଚାଳକମାନଙ୍କୁ କଠୋର ଭାବରେ ନିୟନ୍ତ୍ରଣ କରାଯାଉଛି। ବିଶେଷକରି ଚଟଉଉ ସାର୍ଟିଫିକେଟ୍ ପାଇଁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟସୀମା ଦିଆଯାଇଥିଲା।

### ଖରାକୁ ଦେଖି ...

ଓଆରଏସ୍ ମହଜୁଦ ରଖିବାକୁ କୁହାଯାଇଛି । ଏଥିସହିତ, ସ୍କୁଲ ଯିବା ଆସିବା ସମୟରେ ପିଲାମାନେ ଯେପରି ସିଧାସଳଖ ଖରାର ସଂସ୍ପର୍ଶରେ ନଆସିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି । ଯଦି କୌଣସି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୁଏ, ତେବେ ଜିଲ୍ଲାପାଳମାନେ ସ୍ଥାନୀୟ ସ୍ଥିତିକୁ ଦେଖି ସ୍କୁଲ ସମୟରେ ପରିବର୍ତ୍ତନ କିମ୍ବା ଛୁଟି ନେଇ ନିଷ୍ପତ୍ତି ନେଇପାରିବେ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଆହୁରି ବଢ଼ିପାରେ ।

### ମାଲଦାରେ ମହିଳା...

ଶହ ଶହ ଲୋକ ପ୍ରତିବାଦ କରିଥିଲେ । ଏହି ନ୍ୟାୟିକ ଅଧିକାରୀମାନଙ୍କ ମଧ୍ୟରେ ଚାରି ଜଣ ମହିଳା ଥିଲେ। ସେମାନେ ଭୋଟରଙ୍କ କାଗଜପତ୍ର ଯାଞ୍ଚ କରୁଥିଲେ। ନିର୍ବାଚନ କମିସନ ଏହି ଘଟଣା ବିଷୟରେ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ରିପୋର୍ଟ କରିଥିଲେ, ସେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା ତଦାରଖ କରୁଛନ୍ତି । ଏନେଇ ସୁପ୍ରିମକୋର୍ଟଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ଘଟଣା କେବଳ ଭୟଭୀତ କରିବା ପାଇଁ ଏକ ପ୍ରୟାସ ନୁହେଁ, ବରଂ ଏକ ଯୋଜନାବଦ୍ଧ ଏବଂ ପ୍ରେରିତ ପଦକ୍ଷେପ।

### ଓଡ଼ିଶାରେ ହଟହଟା ହେଉଛି ...

ଯୋଗାଣ ବିଭାଗର ଏଭଳି ଗୋଲକଧନ୍ଦାରେ ପେଷି ହେଉଛନ୍ତି ବିଚରା ଚାଷୀ । ତେବେ ଛତିଶଗଡ଼ରେ ଡବଲ ଇଂଜିନ ସରକାରଙ୍କ ମଣ୍ଡି ଅତି ସୁରୁଖୁରୁରେ ଚାଲୁଛି । 'ତୁଅଁର' ନାମକ ଆପ୍ ଯୋଗେ ଟୋକନ୍ ଜେନେରେଟ୍ କରୁଛନ୍ତି ଚାଷୀ । ଧାନ ବିକିବାର ଗୋଟିଏ ସପ୍ତାହ ଭିତରେ ଆକାଉଣ୍ଟକୁ ଯାଉଛି ଟଙ୍କା। ନା ମଣ୍ଡିରେ ଲମ୍ବା ଧାଡ଼ି ନା ରାତି ଅନିଦ୍ରା। ମିଲରଙ୍କ ସହ ସମ୍ପର୍କ ନାହିଁ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଜଳେଶ୍ୱର, ୦୨/୪ (ନି.ପ୍ର): ଜଳେଶ୍ୱର ବ୍ଲକ୍ ଯତୀନ୍ଦ୍ର ଗଜେନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ମନୋରଂଜନ ଜେନା ଙ୍କ ଅବସର କାଳୀନ ସମ୍ବର୍ଧନା ସଭା ଅନୁଷ୍ଠିତ। ଉକ୍ତ ସଭା ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦେବବ୍ରତ ଦାସ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବଂଶୀ ବାଦକ ବୃନ୍ଦାବନ ବେହେରା, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଏବଂ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷକ ସପନ କୁମାର୍ ମିଶ୍ର, ରୁଦ୍ରନାରାୟଣ ସିଂହ, ବେଣୁଧର ଗିରି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମ ଚଂଦ୍ର ଦାସ, ସିଆରସିସି ମାନସ କୁମାର୍ ଦାସ, ହୋର୍ମନ ମହାନ୍ତ, ଗୌରୀଶଙ୍କର ପରିଡା, ସ୍ଥାନୀୟ ସରପଞ୍ଚ ଆଲୋକ ଗିରି, ସଦସ୍ୟ ଗୋପାଳ ଚନ୍ଦ୍ର ସାମଲ, ଅଲେଖ ଚନ୍ଦ୍ର ଘୋଷ ଉପସ୍ଥିତ ଥିଲେ। ମଞ୍ଚ ଆହ୍ୱାନ ସପନ୍ କୁମାର୍ ମିଶ୍ର ।ଉକ୍ତ ସଭା ରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ପୂରାତନ ଛାତ୍ର ଛାତ୍ରୀ ଏବଂ ଅଭିବାବାକ ଗୌରାଙ୍ଗ ଚରଣ ଦାସ, ବ୍ରଜ କାନ୍ତ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ଦାସ, ନିମାଇଁ ଚନ୍ଦ୍ର ଦାସ, ତ୍ରିଲୋଚନ ମଲ୍ଲିକ, ସୁବୋଧ ଚନ୍ଦ୍ର ମହାନ୍ତି, ଶିକ୍ଷକ ହରିଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଶେଷରେ ଅମରେନ୍ଦ୍ର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସାଇ ସାଧନାରେ ୯୦ତମ ଉତ୍କଳ ଦିବସ ପାଳିତ



ମୟୂରଭଞ୍ଜ, ୦୨/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳାର ଦିବ୍ୟସିଂପୁରଠାରେ ଅବସ୍ଥିତ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଧନା ବିଜ୍ଞାନ ମହାବିଦ୍ୟାଳୟରେ ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମେନ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ପୌରୋହିତ୍ୟ କରି ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ଘଟଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ବାରିଷ୍ଟର ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା କିପରି ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା, ତାହାର ରୂପଚିତ୍ରକୁ ସେ ଉପସ୍ଥାପିତ କରିଥିଲେ । ତତ୍ ସହିତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରି ଓଡ଼ିଶାର ପୂର୍ବ ପରମ୍ପରାକୁ ମନେ ପକାଇଥିଲେ । ତେଣୁ ଆଜି ଦିନରେ ଓଡ଼ିଆ ଭାଷା, ସଂସ୍କୃତି, କଳା ଓ ସାହିତ୍ୟିକୁ ବଳିଷ୍ଠ ଓ ସମୃଦ୍ଧ କରି ଓଡ଼ିଆ ଅସ୍ମିତାକୁ ପ୍ରଜ୍ୱଳିତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ସାଇ ସାଧନା ଶିଶୁ ମନ୍ଦିର ସାଧନା ବିଜ୍ଞାନ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ସାଇ ସାଧନା ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଛାତ୍ର-ଛାତ୍ରୀ, ଶିକ୍ଷକ- ଶିକ୍ଷୟିତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ । ଆଲୋଚନା ଚକ୍ର ଶେଷରେ ଅଧ୍ୟାପିକା ପ୍ରିୟଙ୍କା ବିଶ୍ୱାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କ ଧନ୍ୟବାଦ ଜଣାଇଥିଲେ ।

# ନିଜକୁ ପ୍ରକୃତିପ୍ରେମୀ କହି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସରକାରୀ ଜମିକୁ ଜବର ଦଖଲ

ଖୋର୍ଦ୍ଧା , ୦୨/୪ (ନି.ପ୍ର): ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ଥିବା ଖାତା ନଂ.୫୬୧ ପ୍ଲଟ୍ ନଂ.୧୭୫୬, ପ୍ଲଟ୍ ନଂ.୧୭୩୨ ଓ ଖାତା ନଂ.୫୬୩, ପ୍ଲଟ୍ ନଂ.୧୬୯୬ ଅଧୀନରେ ଥିବା ପ୍ରାୟ ୩ଏକର ସରକାରୀ ଜମିକୁ ଭୁବନେଶ୍ୱର ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ମହେନ୍ଦ୍ର ପ୍ରାସାଦ ନାମକ ଜଣେ ବିତ୍ତଶାଳୀ ବ୍ୟକ୍ତି ଏକ ବିଶାଳକାୟ ଫାର୍ମ ହାଉସ ତିଆରି କରିଥିବା ବେଳେ ନିଜକୁ ପ୍ରକୃତିପ୍ରେମୀ ବୋଲି କହି ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କୁ ହାତବାରିସି କରି ନିଜ ଅକ୍ତିଆରରେ ରଖିବା ସହ ଚାଷ ଜମିକୁ ଯିବା ପାଇଁ ସର୍ବସାଧାରଣ ରାସ୍ତାକୁ ମଧ ଅବରୋଧ କରି ରଖିଛନ୍ତି, ଯାହାକୁ ନେଇ ଗ୍ରାମବାସୀଙ୍କ ବିରୋଧ ପରେ ଖୋର୍ଦ୍ଧା ତହସିଲଦାର ଗତ ୨୦ ଅଗଷ୍ଟ ୨୦୨୪ରେ ବେଆଇନ୍ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ଫାର୍ମ ହାଉସ ମାଲିକ ମହେନ୍ଦ୍ରଙ୍କୁ ନୋଟିସ୍ କରିଥିଲେ । ତେବେ ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ମହେନ୍ଦ୍ର ପ୍ରସାଦଙ୍କ ପକ୍ଷରୁ ହାଇକୋର୍ଟରେ କରା ଯାଇଥିବା ଆବେଦନ ପିଟିସନକୁ ଖାରଜ କରାଯାଇ ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କୁ ବିଦ୍ଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୦୬-ସେପ୍ଟେମ୍ବର-୨୦୨୪ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଜାରି ହୋଇଥିବା ସତ୍ତ୍ୱେ ମଧ ଦୀର୍ଘ ୧୮ ମାସ ଧରି ଉପ-ଜିଲ୍ଲାପାଳଙ୍କ ନୀରବତା ଓ ଶିଥିଳତା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ବରସାହି ଅଞ୍ଚଳର ଚାଷୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି ।

୦୩ ଏପ୍ରିଲ ୨୦୨୬, ଶୁକ୍ରବାର

ଧ୍ୱନି ପ୍ରତିଧ୍ୱନି

# ଜଳେଶ୍ୱର ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ

ଜଳେଶ୍ୱର: ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତି ଚାରଣ କରି ଜଳେଶ୍ୱର ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଅତ୍ୟନ୍ତ ଆଡମ୍ବର ସହକାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି।ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ପଥରପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର ଅସ୍ମିତା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଜଳେଶ୍ୱର ସାହିତ୍ୟ ସଂସ୍କୃତି ସଂସଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ଚିନ୍ମୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହୁ ଗୁଣୀଜ୍ଞାନୀ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ପ୍ରାକ୍ତନ ସାହିତ୍ୟ ସଂସଦ ସଭାପତି ବିଷ୍ଣୁପଦ ମହାନ୍ତି,ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ବନମାଳୀ ଧଳ ପ୍ରମୁଖ ଯୋଗଦେଇ ଉତ୍କଳ ଜନନୀଙ୍କ ବୀର ସନ୍ତାନମାନଙ୍କ ତ୍ୟାଗ ଓ ଓଡ଼ିଆ ଭାଷା-ସାହିତ୍ୟର ସୁରକ୍ଷା ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ, ସାମ୍ବାଦିକ ଅବନୀ କୁମାର ଚାନ୍ଦ, ଅବସରପ୍ରାପ୍ତ ଏବିଇଓ କପିଳେଶ୍ୱର ମହାନ୍ତି, ଡ.ଲଳିତ ରଞ୍ଜନ ସେନାପତି, ପୂର୍ବତନ ଅଧ୍ୟକ୍ଷ ଜିତାରାମ ଦେ, ବିକାଶ ଧର, ଡ.ଅଜିତ କୁମାର ମହାନ୍ତି,



ବ୍ରଜବଲ୍ଲଭ ସାହୁ,ଡ.ଅକ୍ଷୟ କୁମାର ପରିଡ଼ା, ସିଦ୍ଧେଶ୍ୱର ପଣ୍ଡା, ରଜତ ଦାସ, ଅଞ୍ଜନ କୁମାର ଦେ ଏବଂ ଦିଲ୍ଲୀପ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ମୀରା ମିଶ୍ର ମଞ୍ଚ ଆହ୍ୱାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସରୋଜିନି ଏକାଡ଼େମିରେ ଓଡ଼ିଶା ଦିବସ ଓ ବିଦ୍ୟା ସଂସ୍କାର ଯଜ୍ଞ



ଉଦଳା, ୦୨/୪ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମଠାରେ ଗଢ଼ି ଉଠିଥିବା ଘରୋଇ ବିଦ୍ୟାଳୟ ସରୋଜିନି ଏକାଡ଼େମି ତରଫରୁ ଚଳିତ ଏପ୍ରିଲ ୧ ତାରିଖ ବୁଧବାର ଦିନ ୯୧ତମ ଓଡ଼ିଶା ଦିବସ ଓ ବିଦ୍ୟା ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଦିବସବ୍ୟାପି ଚାଲିଥିବା ଏହିକାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା । ପ୍ରଭାତରେ ଗାୟତ୍ରି ପରିବାର ପକ୍ଷରୁ ଆୟୋଜିତ ବିଦ୍ୟା ସଂସ୍କାର ଯଜ୍ଞରେ ବେଦ ମନ୍ତ୍ର ଉଚ୍ଚାରଣ ଓ ଘୃତ ଆହୁତି ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ର ଛାତ୍ରୀ, ଗୁରୁଜୀ ଗୁରୁମା ଓ ଅବିଭାବକ ମାନେ ସମସ୍ତେ ମିଳିମିଶି ଯଜ୍ଞ କାର୍ଯ୍ୟକୁ ସଫଳ କରିଥିଲେ । ଏହାପରେ ୯୧ତମ ଓଡ଼ିଶା ଦିବସ ପାଳନର ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଫକିର ମୋହନ ସାହିତ୍ୟ ପରିଷଦର ପୁର୍ବତନ ସଂପାଦକ ଡ଼. କୁମାର ଗୋପାଳ ଓ ମେଘାସନ ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ମନୋରଂଜନ ମଲିକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଭାଷା ଭିତିକ ରାଜ୍ୟ ଗଠନରେ ସମଗ୍ର ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ, ଏଥିପାଇଁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପରିରୂପା, ରଶ୍ମିତା, ଓମପ୍ରକାଶ, ମିଲନ, ବାସନ୍ତି, ମଶେଷ, ମିହିର, ମୋନାଲିସା, ଲସିତ ଓ ଦିପାଳି ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୁଦନଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନର ରୂପରେଖ କିପରି ଥିଲା ବ୍ୟକ୍ତ କରିଥିଲେ । ପୁର୍ବତନ ସରପଂଚ ରମେଶ ଚନ୍ଦ୍ର ସିଂ ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ମମତା ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ କୈଳାଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ମହାନ୍ତ. ସାମ୍ବାଦିକ ସୁବ୍ରତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ବ ପର୍ବାଣିରେ କିପରି ସ୍ୱତନ୍ତ୍ରତା ବାରି ହୋଇ ପଡ଼େ ବିସ୍ତୃତ ବର୍ଣ୍ଣନା କରିଥିଲେ । ରାଜଲକ୍ଷ୍ମୀ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ହର୍ଷମଣି ମହାନ୍ତ, ସନାଲି ମୁର୍ମୁ ଓ ତପନ ମହାନ୍ତ ଆଜିର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

# ଖରିଫରେ ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି

ଭୁବନେଶ୍ୱର, ୦୨/୪ (ନି.ପ୍ର): ଚଳିତ ଖରିଫରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ହୋଇଛି । ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି । ଏଯାବତ୍ ୭୭ ଲକ୍ଷ ମେଟ୍ରିକ୍ ଟନ ଧାନ କିଣା ସରିଛି । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି । ବାକି ବଳକା ଧାନ କିଣିବାକୁ ୭ ଦିନ ଅବଧି ବୃଦ୍ଧି କରିଛନ୍ତି ସରକାର । ଯେଉଁ ଚାଷୀ ଧାନ ବିକି ପାରିନାହାନ୍ତି, ସେମାନେ ଏହି ୭ ଦିନ ଭିତରେ ଧାନ ବିକ୍ରି କରିପାରିବେ । ମିଲରେ ଜାଗାର ଅଭାବ ପାଇଁ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥିଲା । ଜଣେ ବି ଚାଷୀର ଧାନ ରହିବ ନାହିଁ । ସରକାର ସମସ୍ତ ଧାନ ଉଠାଇବେ । ଆସନ୍ତାବର୍ଷକୁ ଏପରି ସମସ୍ୟା ଯେପରି ନହେବ ସେନେଇ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ବାରିପଦାରେ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳିତ



ବାରିପଦା, ୦୨/୪ (ନି.ପ୍ର): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଗୌରବମୟ ଦିବସକୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଶ ଉତ୍ସାହର ସହ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ସହର ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ଅମର ତ୍ୟାଗକୁ ସ୍ମରଣ କରାଯାଇଛି। ଆଜି ସକାଳୁ ସକାଳୁ ବାରିପଦା ସହରର ବିଭିନ୍ନ ଛକରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଶେଷକରି ଜାତିର ପିତା ମହାତ୍ମା ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭଳି ବରପୁତ୍ର ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଏହି ମହାପୁରୁଷମାନଙ୍କ ଅବଦାନ ଅତୁଳନୀୟ ଏବଂ ଏହା ସବୁବେଳେ ଚିରସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୟୂରଭଞ୍ଜର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଉତ୍କଳ ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଓଡ଼ିଶାର ଅସ୍ମିତା ଓ ସଂସ୍କୃତିର ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ।

# ପ୍ରଥମ ଦିନରେ ୧୭ ହଜାର ଲୋକ କରିଛନ୍ତି ନିଜର ଜନ ଗଣନା

ଭୁବନେଶ୍ୱର, ୦୨/୪ (ନି.ପ୍ର): ଜନଗଣନାକୁ ନେଇ ଆସିଲା ବଡ଼ ଅପଡେଟ । ପ୍ରଥମ ଦିନରେ ୧୭ ହଜାର ଲୋକ କରିଛନ୍ତି ନିଜର ଜନ ଗଣନା । ଡିଜିଟାଲ ପ୍ରକ୍ରିୟାରେ ଜନ ଗଣନା କରିଥିବା ନେଇ ସୂଚନା ଦେଲେ ଜନ ଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ। ସେପଟେ କେମିତି ଚାଲିଛି ଜନଗଣନା ବୈଠକ ଡାକି ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ । ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ହୋଇଥିଲେ ସାମିଲ ।

# ପ୍ରଥମ ଡିଜିଟାଲ୍ ଜନଗଣନା ୨୦୨୬ର ଶୁଭାରମ୍ଭ



ଭଦ୍ରକ, ୦୨/୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଡିଜିଟାଲ୍ ଜନଗଣନା ୨୦୨୬ର ପ୍ରଥମ ପର୍ଯ୍ୟାୟ ସ୍ୱୟଂ-ଗଣନା ଆଜି ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ସରକାରୀ ପୋର୍ଟାଲ୍ ମାଧ୍ୟମରେ ସମ୍ପନ୍ନ ହେଉଛି। ଆଜିର ଶୁଭାରମ୍ଭରେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ, ମୁଖ ଉନ୍ନୟନ ଅଧିକାରୀ ଶ୍ରୀ ଶ୍ରୀ ସୁଭେନ୍ଦ୍ର ସାମଲ, ଅତିରିକ୍ତ ସଚିବ କ୍ରୀଡା ବିଭାଗ ଶ୍ରୀ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟରଶ୍ରୀ କାର୍ତ୍ତିକନାମଣ୍ଡଳ,ଶ୍ରୀମତୀପ୍ରମିଳା ମଲ୍ଲିକ, ଶ୍ରୀମତୀ ଶ୍ୱେତାଶ୍ରୀ ମହାପାତ୍ର, ଡେପୁଟି କଲେକ୍ଟର (ଜନଗଣନା) ଏବଂ ବିଭିନ୍ନ ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ଡିଜିଟାଲ୍ ଜନଗଣନାର ଏହି ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ସ୍ୱ-ଗଣନାରେ ଅଂଶଗ୍ରହଣ କରିଛନ୍ତି। ଏହି ଡିଜିଟାଲ୍ ଜନଗଣନାର ବିଶେଷତ୍ୱହେଉଛି ଯେ , ଗଣନାକାରୀ ଆଇଡି ତୁରନ୍ତ ପ୍ରସ୍ତୁତ କରାଯିବ ଏବଂ ସାଧାରଣ ଜନତା ମୋବାଇଲ୍ ନମ୍ବର ମାଧ୍ୟମରେ ନିଜ ଘରକୁ ଗଣନା କରିପାରିବେ। ଡିଜିଟାଲ୍ ମାଧ୍ୟମରେ ଏହି ଗଣନା ପ୍ରଥମ ଥର ଆରମ୍ଭ ହୋଇଛି, ଯାହାଫଳରେ ଗଣନା ପ୍ରକ୍ରିୟା ଅଧିକ ସହଜ ଏବଂ ସ୍ୱଚ୍ଛ ହେବ।ଏହି ସ୍ୱ-ଗଣନା ପ୍ରକ୍ରିୟା ୧ ଏପ୍ରିଲରୁ ୧ଏପ୍ରିଲ ପର୍ଯ୍ୟନ୍ତ ଚାଲିବ, ଯେଉଁଠି ସରକାରୀ ପୋର୍ଟାଲ୍ ମାଧ୍ୟମରେ ଗଣନା କାର୍ଯ୍ୟ ଚାଲିବ। ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ଡିଜିଟାଲ୍ ଗଣନାରେ ଅଂଶଗ୍ରହଣ କରି ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଡିଜିଟାଲ୍ ଜନଗଣନା ୨୦୨୬ ର ଶୁଭାରମ୍ଭ ଜନଗଣନା ପ୍ରକ୍ରିୟାରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରୁଛି।

# ପ୍ରିୟଂଶୀ ରାଧେ କଲେଜର ଓ୍ୱାର୍ଡେନ୍ ଯୋଗେନ୍ଦ୍ରଙ୍କ ହସ୍ପିଟାଲ ଆଗରେ ଲାଇନରେ ରହି ଔଷଧ ନେବାବେଳେ ଆକସ୍ମିକ ମୃତ୍ୟୁ



ବୈଶିଙ୍ଗା , ୦୨/୪ (ନି.ପ୍ର): ବୈଶିଙ୍ଗା ସ୍ଥିତ ପ୍ରିୟଂଶୀରାଧେ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ଓ୍ୱାର୍ଡେନ ଭାବେ ଚାକିରୀ କରୁଥିବା ଯୋଗେନ୍ଦ୍ର ସେନାପତି (୫୮)ଙ୍କ ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଶ୍ରୀ ସେନାପତି ଔଷଧ ନେବା ପାଇଁ ନିଜ ସ୍କୁଟର ରେ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ଧାଡିରେ ଛିଡା ହୋଇଥିଲେ । କିଛି ସମୟ ପରେ ହଠାତ୍ ସେ ଟଳି ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ବେଡ଼ରେ ଶୁଆଇ ଅକ୍ସିଜେନ ଦେବା ସହିତ ଆବଶ୍ୟକ ଚିକିତ୍ସା କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ବୋଲି ଡାକ୍ତର ବିକାଶ ନାୟକ ପ୍ରକାଶ କରିଥିଲେ। ମୃତ ସେନାପତିଙ୍କ ଘର ନୀଳଗିରି ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ସୈନ୍ୟ ବିଭାଗରେ ଚାକିରୀ କରି ଅବସର ନେବା ପରେ ୫/୬ ହେବ ପ୍ରିୟଂଶୀ ରାଧେ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ଓ୍ୱାର୍ଡେନ୍ ଭାବେ ଚାକିରୀ କରିଥିଲେ। ଟଳିପଡିବା ଖବର ପାଇ କଲେଜ ମୁଖ୍ୟ ପରିଚାଳକ ଶୁଶାନ୍ତ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତରଖାନାରୁ ଖବର ପାଇ ବୈଶିଙ୍ଗା ପୁଲିସ ମୃତ ସେନାପତିଙ୍କ ମର ଶରୀରକୁ ଶବ ଗୃହ ରେ ରଖିଥିଲେ। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୁଲିସ ଏ ନେଇ ୧୪/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦର ୯୧ତମ ଉତ୍କଳ ଦିବସ




ଖଇରା, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ପରିଷଦର ସଭାପତି ମଦନମୋହନ ମହଲାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି,କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଭାକର ମହାଜନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଆଙ୍କ ସ୍ୱାଭିମାନ ବଞ୍ଚାଇବା ଲକ୍ଷରେ ଅନେକ ବରପୁତ୍ରଙ୍କ ସାଧନା ଫଳ ସ୍ୱରୂପ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ମିଳିପାରିଥିଲା । ଏଣୁ ଆମର ଏହି ଭୁଖଣ୍ଡକୁ ବଞ୍ଚାଇବାକୁ ହେଲେ ଭାଷାର ସୁରକ୍ଷା ଓ ସମୃଦ୍ଧି ଆବଶ୍ୟକ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଖଇରା ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ ଡା ବ୍ରଜସୁନ୍ଦର ସ୍ୱାଇଁ,ଗଣମାଧ୍ୟମ ପ୍ରତିନିଧି ତପୋଧନ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ନାୟକ,ସମାଜସେବକ ଅଭୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ କିଶୋର କୁମର ରାଉତଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଓ କେନ୍ଦ୍ରାପଡା ସାଇଡ୍ୟାନ୍ସ ଗ୍ରୁପ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ପରିବେଶଣ କରାଯାଇଥିଲା । ପରିଷଦର ସଭ୍ୟ ପଦ୍ମଲୋଚନ ଜେନା,ସୁବାଷ ପ୍ରଧାନ,ଅଭୟ କୁମାର ମହାନ୍ତି,ପଙ୍କଜ କୁମାର ବାରିକ,ପୁରୁଷମ ମହାନ୍ତି ଓ ରାମଚନ୍ଦ୍ର ମହାକୁଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ‘ଓଡ଼ିଆ ପକ୍ଷ’ର ଦ୍ୱିତୀୟ ଦିନ ପାଳିତ



ବାଲେଶ୍ୱର, ୦୨/୪ (ନି.ପ୍ର): ଆଜି ହେଉଛି ‘ଓଡ଼ିଆ ପକ୍ଷ’ର ଦ୍ୱିତୀୟ ଦିନ । ଏହି ଦିବସକୁ ବାଲେଶ୍ୱର ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଅତି ଉତ୍ସାହର ସହିତ ପାଳନ କରାଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୨ ଓ ୩ ତାରିଖ ଦିନ ‘ଓଡ଼ିଆ ପକ୍ଷ’କୁ ପାରମ୍ପରିକ ପୋଷାକ ପରିଧାନ ଦିବସ - ଆମ ପୋଷାକ ଆମ ପରିଚୟ’ ଦିବସ ପାଳନ କରାଯିବାର ସ୍ଥିର ହୋଇଛି । ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ । ଏହି ଅବସରରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଳବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପୂର୍ବାହ୍ନ ୧୧.୦୦ ଘଟିକାରେ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ସମସ୍ତେ ଏକତ୍ର ହୋଇ ଓଡ଼ିଶାର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ପ୍ରସାର କରିବାକୁ ସମସ୍ତ ଅଧିକାରୀ/ ଅଧିକାରିଣୀ ଓ କର୍ମଚାରୀ ମାନଙ୍କୁ ଜିଲ୍ଲାପାଳ ମହୋଦୟ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।

# ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ

ଭଦ୍ରକ , ୦୨/୪ (ନି.ପ୍ର): ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ଗତକାଲି ବୁଧବାର ସନ୍ଧ୍ୟାରେ ସ୍ୱରାଜ ବାର୍ତ୍ତା କାର୍ଯ୍ୟାଳୟ ଠାରେ ଉତ୍କଳ ଦିବସ ପାଳନ ହୋଇଯାଇଛି । ସଭାପତି କଳ୍ପନା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ସଂସ୍କୃତି, କଳା, ଭାସ୍କର୍ଯ୍ୟ ହିଁ ଓଡ଼ିଶାର ପରିଚୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ କହିଲେ କୁଳବୃଦ୍ଧ ମଧୁସୂଦନ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶ୍ରେୟ। କିନ୍ତୁ ତାଙ୍କୁ ଅଦ୍ୟାବଧି ରାଜ୍ୟ ସ୍ତରରେ ଯଥୋଚିତ ସମ୍ମାନ ମିଳିନାହିଁ । ସମ୍ମାନୀତ ଅତିଥି ଭାବେ ଅଧ୍ୟକ୍ଷ ନିହାର ରଞ୍ଜନ କର ଓଡ଼ିଆ ଭାଷାକୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଜରୁରି ବୋଲି କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଖଣ୍ଡ ବିଖଣ୍ଡିତ ରାଜ୍ୟକୁ ଏକତ୍ର କରି ରଖିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ପ୍ରଭାକର ପରିଡା, ଆଇନଜୀବୀ ପ୍ରବୋଧ ଅଗସ୍ତି, ଖବରଦାତା ପ୍ରଦୀପ ବଳ, ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିକ୍ଷୟତ୍ରୀ ମନୋରମା ରାୟ, ଆଇନଜୀବୀ ଚଇତାଳି ଖିଲାର, ଶିକ୍ଷୟତ୍ରୀ ସାବିତ୍ରୀ ସେଠି, ଗୀତାଞ୍ଜଳି ଅଗସ୍ତି, ସଂଯୁକ୍ତା ଯାଦବ, ଆଇନଜୀବୀ ଅଞ୍ଜୁବାଳା ରାଉତ ପ୍ରମୁଖ କବିତା ପାଠ କରିଥିଲେ । ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଂଗୀତ, ଗୁଡିକା ନାୟକ ଅତିଥି ପରିଚୟ, ଶାନ୍ତନୁ ଦଳେଇ ସ୍ୱାଗତ ଓ ସାମ୍ବାଦିକ ସଂଜୀବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସନ୍ତୋଷ ମିଶ୍ର, ସୁଜୟ ପାକଳ, ମାନସ ପରିଡା, ସିଦ୍ଧାର୍ଥ ଶଙ୍କର ମିଶ୍ର ଉପସ୍ଥିତ ଥିଲେ କ୍ଷବିଜୟ ଲକ୍ଷ୍ମୀ ମହାକୁଡ଼ଙ୍କ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୀତକାଳୀନ ସେବା ଶିବିର ଉଦ୍ଯାପିତ

ନୀଳଗିରି, ୦୨/୪ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବାଯୋଜନା ଆନୁକୂଲ୍ୟରେ ଶିବିରର ଉଦଯାପନୀ ଉତ୍ସବ ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସାତଦିନ ଧରି ଚାଲିଥିବା ଏହି ଶିବିରରେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ଭାଗ୍ୟବତୀ ସ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ସେବାଶିବିରରେ ଯୋଗଦେଇଥିବା ଶିବିରାର୍ଥୀଙ୍କ ଅନୁଭବକୁ ଶ୍ରବଣ କରିବାସହ ଭାବ ଆଦାନପ୍ରଦାନ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜାତୀୟସେବା ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ଓ ମୋନାଲିସା ଭୋଳ ପରିଚାଳନା କରିଥିଲେ । ଏହି ଶିବିରରେ ୬୦ ଛାତ୍ରୀ ଯୋଗଦାନ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida